୪ର୍ଥ ସ୍ୱନକ୍ଷତ୍ର
ସକାଳ THE SAKALA
www.sakalaepaper.com
ରାଉରକେଲା

## ବନ୍ଦ ପଡ଼ିଛି ଗ୍ରାମୀଣ ଶିଳ୍ପ ଉଦ୍ୟାନ | ଖତଖାଉଛି ୩ କୋଟି ଟଙ୍କାର ଯନ୍ତ୍ରପାତି

ରାଉରକେଲା, ୭।୧୨(ସମିସ)



ସ୍ଥାନୀୟ ଅଞ୍ଚଳର ଚାଷୀ ଓ ମହିଳାଙ୍କୁ ରୋଜଗାରକ୍ଷମ କରିବାକୁ ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡାରେ ପ୍ରତିଷ୍ଠା କରାଯାଇଛି ଗ୍ରାମୀଣ ଶିଳ୍ପ ଉଦ୍ୟାନ। ହେଲେ ଏହା କାର୍ଯ୍ୟକ୍ଷମ ନ ହୋଇ ବନ୍ଦ ପଡ଼ି ରହିଥିବାରୁ ୩ କୋଟି ଟଙ୍କାର ଯନ୍ତ୍ରପାତି ଖତଖାଉଛି। ସୂଚନାଯୋଗ୍ୟ ଯେ ଗତ ୨୦୨୨ ମସିହାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ପାଣ୍ଠିରୁ ୨ କୋଟି ୭୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚହୋଇ ନିର୍ମାଣ ହୋଇଥିଲା ଏହି ଗ୍ରାମୀଣ ଶିଳ୍ପ ଉଦ୍ୟାନ। ଏଥିସହ ଅନ୍ୟାନ୍ୟ ପାଣ୍ଠିରୁ ଅନ୍ୟ କାମ ପାଇଁ ଲକ୍ଷଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ୨ ବର୍ଷ ହେଲା ୨୦୨୨ରୁ ଶେଷ ହୋଇଥିବା ପ୍ରକଳ୍ପ ଏଯାଏଁ କାର୍ଯ୍ୟକ୍ଷମ ହେଉନି। ଚାଷୀ ଓ ମହିଳାଙ୍କ ଦାବିପରେ କୁଆଁରମୁଣ୍ଡା ବିଡିଓ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ଅବଗତ କରାଇଛନ୍ତି। ଏହାପରେ ଶିଳ୍ପ ଉଦ୍ୟାନ ଖୋଲିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ କେବେ ଗ୍ରାମୀଣ ଶିଳ୍ପ ଉଦ୍ୟାନ ଖୋଲିବ କାହାରି ପାଖରେ ଉତ୍ତର ନାହିଁ। ଫଳରେ ବନ୍ଦ ପଡ଼ିଥିବା ଗ୍ରାମୀଣ ଶିଳ୍ପ ଉଦ୍ୟାନ ଏବେ ଅସାମାଜିକ ଯୁବକଙ୍କ ଆ‡ାସ୍ଥଳୀ ପାଲଟିଛି। ଦୁଇବର୍ଷ ଧରି ଗ୍ରାମୀଣଶିଳ୍ପ ଉଦ୍ୟାନ ବନ୍ଦ ପଡ଼ିଥିବାରୁ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ସ୍ଥାନୀୟଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ ଉଚ୍ଚଅଧିକାରୀ ହସ୍ତକ୍ଷେପ ନ କଲେ ଗ୍ରାମୀଣ ଶିଳ୍ପ ଉଦ୍ୟାନ ସ୍ୱପ୍ନରେ ରହି ଯିବାର ସମ୍ଭାବନା ରହିଛି।

ଉଲ୍ଲେଖଯୋଗ୍ୟ ଯେ ସ୍ଥାନୀୟ ଚାଷୀ ସେମାନଙ୍କ ଉତ୍ପାଦିତ ପନିବରିବା ଓ ଅନ୍ୟାନ୍ୟ ଜିନିଷ ବିକିବାକୁ ସୁବିଧା କରିବା ସମେତ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଗତ ସରକାର ସମୟରେ ଡିଏମ୍ଏଫ୍ ପାଣ୍ଠିରୁ ନିର୍ମିତ ଏହି ଗ୍ରାମୀଣ ଶିଳ୍ପ ଉଦ୍ୟାନ ପରିସରରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ବିକିବାକୁ ପିଣ୍ଡି ନିର୍ମାଣ କରାଯାଇଛି। ଏହାଛଡ଼ା ଦୁଇଟି ବୃହତ ଗୋଦାମଘର ନିର୍ମାଣ ହୋଇଛି। ଗୋଟିଏ ଗୋଦାମଗୃହକୁ କୁଆଁରମୁଣ୍ଡା ଲ୍ୟାମ୍ପସ୍‌କୁ ଧାନ ରଖିବାକୁ ଦିଆଯାଇଛି। ଅନ୍ୟ ଗୋଦାମକୁ ଭାଗଭାଗ କରି ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବାଣ୍ଟି ଦିଆଯାଇଛି। ସେଠାରେ ମହିଳାମାନେ ଧୂପ, ଜୋତା କାରଖାନା ସହ ଅନ୍ୟାନ୍ୟ ୟୁନିଟ୍ ବସାଇଛନ୍ତି। ଏଥିପାଇଁ ଆବଶ୍ୟକ ଯନ୍ତ୍ରପାତି ମଧ୍ୟ କିଣାହୋଇ ପଡ଼ିଛି। କିନ୍ତୁ ବିଜୁଳି ସଂଯୋଗ ହୋଇ ନ ଥିବାରୁ ତାହା ଚାଲିପାରୁନି ଓ ଯନ୍ତ୍ରପାତି ଖତ ଖାଉଛି। ଗ୍ରାମୀଣ ଶିଳ୍ପ ଉଦ୍ୟାନ କାର୍ଯ୍ୟକ୍ଷମ ହୋଇପାରୁନି। ଶିଳ୍ପ ଉଦ୍ୟାନ ଜଗିବା ପାଇଁ ସୁରକ୍ଷାଗୃହ ନିର୍ମାଣ ହୋଇଛି। କିନ୍ତୁ ଜଣେ ହେଲେ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତି ଦିଆଯାଇନି। ବିଦ୍ୟୁତ୍ ସଂଯୋଗ ହୋଇ ନଥିବାରୁ ଥିବାରୁ ଶିଳ୍ପ ଉଦ୍ୟାନ ସମ୍ପୂର୍ଣ୍ଣ ଅନ୍ଧାର ରହିଛି। ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତାରୁ ଏହି ଗ୍ରାମୀଣ ଶିଳ୍ପ ଉଦ୍ୟାନ ନା' ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କାମରେ ଆସୁଛି ନା ସ୍ଥାନୀୟ ଚାଷୀ ଉପକୃତ ହେଉଛନ୍ତି। ସେପଟେ ଆସନ୍ତା ଡିସେମ୍ବର ୨୦ରୁ କୁଆଁରମୁଣ୍ଡା ଲ୍ୟାମ୍ପସରେ ଧାନକିଣା ହେବାକୁ ଯାଉଥିବାରୁ ଗୋଦାମଗୃହର ସୁରକ୍ଷାକୁ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ କହିଛନ୍ତି, ଟ୍ରାନ୍ସଫର୍ମର ବସାଇବାକୁ ବିଦ୍ୟୁତ୍ ବିଭାଗକୁ କହାଯାଇଥିଲା। ବିଭାଗ ୧୨ ଲକ୍ଷରୁ ଅଧିକ ଟଙ୍କାର ବଜେଟ୍ ଦେଇଥିବାରୁ ସମସ୍ୟା ଉପୁଜିଛି। ତଥାପି ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ କରି ଗ୍ରାମୀଣ ଶିଳ୍ପ ଉଦ୍ୟାନକୁ ଚାଲୁ କରାଯିବାକୁ ଉଦ୍ୟମ କରାଯାଉଛି।

## ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଘାଟିତ



**ରାଉରକେଲା, ୭।୧୨(ସମିସ):** ସରକାରୀ ଯୁକ୍ତଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପାନପୋଷରେ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ସସ୍ମିତା ସାମଲ ଉଦ୍‌ଘାଟନ କରିଥିଲେ। କୌଶଳ ମାଧ୍ୟମରେ ଛାତ୍ରୀଙ୍କୁ ସଶକ୍ତ କରାଯିବା ସହ ସେମାନଙ୍କ ଉପରେ ହେଉଥିବା ଶାରିରୀକ ଆକ୍ରମଣକୁ ସେମାନେ ପ୍ରତିହତ କରିବା ସହ ନିଜକୁ ସୁରକ୍ଷିତ ରଖିପାରିବେ ବୋଲି ଅଧ୍ୟକ୍ଷା ଡ. ସାମଲ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ମମତା ବାକ୍ସଲା ଏବଂ ସହ ସଂଯୋଜିକା ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ଟି କାର୍ଯ୍ୟଦିବସ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମ ମାଧ୍ୟମରେ ଯୁକ୍ତଦୁଇ ବର୍ଗର ଛାତ୍ରୀମାନେ ଲାଭାନ୍ୱିତ ହେବେ ବୋଲି ଡ. ସାମଲ ଆଶାବ୍ୟକ୍ତ କରିଛନ୍ତି। ଅଧ୍ୟାପିକା ନମିତା ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିନରେ ହୋଇଥିବା ଶିବିରରେ ମୋଟ ୧୧୨ ଜଣ ଯୁକ୍ତଦୁଇ ପ୍ରଥମ ବର୍ଷର ଛାତ୍ରୀ ଯୋଗ ଦେଇଛନ୍ତି। ଓସେପା ଏବଂ ସମଗ୍ର ଶିକ୍ଷା ଅଭିଯାନ ସୁନ୍ଦରଗଡ଼ ଜିଲ୍ଲା ଶାଖା ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନିଯୁକ୍ତ ପ୍ରଶିକ୍ଷିକା ଦୁଲାଣି ମୁଣ୍ଡାରି ଓ ମହିମା ସୁନ୍ଦରୀ ମଲ୍ଲିକ ଏଥିରେ ପ୍ରଶିକ୍ଷଣ ଦେଉଛନ୍ତି। ଆସନ୍ତା ଦିନରେ ଏଥିରେ ଅଧିକରୁ ଅଧିକ ଛାତ୍ରୀ ଯୋଗଦେବା ପାଇଁ ଅଧ୍ୟାପିକା ମମତା ବାକ୍ସଲା ଆହ୍ୱାନ ଦେଇଛନ୍ତି।

## ଆମ୍ବେଦକରଙ୍କ ମହାପ୍ରୟାଣ ତିଥିରେ ଶ୍ରଦ୍ଧାଞ୍ଜଳି



ରାଉରକେଲା, ୭।୧୨(ସମିସ): ଭାରତୀୟ ଜନତା ପାର୍ଟି ଜିଲ୍ଲା ତରଫରୁ ସେକ୍ଟର ୭-୧୭ ଛକ ନିକଟସ୍ଥ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ବିଜେପିର ନେତୃବୃନ୍ଦ ତାଙ୍କ ମହାପ୍ରୟାଣ ଦିବସରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ରାଜ୍ୟ ଅନୁସୂଚୀତ ଜାତି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ତଥା ସଂଯୋଜକ ଭ୍ରମରବର ବେହେରା, ଭାରତ ରତ୍ନ ସମ୍ବିଧାନ ପ୍ରଣେତା ବାବାସାହେବଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଅନୁସୂଚୀତ ମୋର୍ଚ୍ଚା ସଂଯୋଜକ ସୁଶୀଲ ସେଠୀ, ଜିଲ୍ଲା ସମ୍ପାଦକ ଅଜୟ କାଂସାରୀ, ବରିଷ୍ଠ ନେତା ଜିତେନ ମହାନ୍ତି, ମନୋରଞ୍ଜନ ମୁନି, ପଶ୍ଚିମ ମଣ୍ଡଳ ସଭାପତି ସନ୍ତୋଷ ବିରାଟ, ମନୋଜ ପଟ୍ଟନାୟକ, ଗୌତମ ଦୁଙ୍ଗୁରି ଓ ଅନ୍ୟ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

### ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ରାଉରକେଲା:** ସମ୍ବିଧାନ ପ୍ରଣେତା ଡ. ଭୀମ୍‌ରାଓ ଆମ୍ବେଦକରଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରାଉରକେଲା କଂଗ୍ରେସ ସଭାପତି ରବି ରାୟଙ୍କ ନେତୃତ୍ୱରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କଂଗ୍ରେସର ବରିଷ୍ଠ କର୍ମୀ ଗଣେଶ ପ୍ରଧାନ, ଦେବବ୍ରତ ବିହାରୀ, ସବିର ହୁସେନ, ବାଦଲ ଶ୍ରୀଚନ୍ଦନ, ଜ୍ଞାନେନ୍ଦ୍ର ଦାସ, ଗୋପାଳ ଦାସ, ବାରିହାମ ସିଂ, ଆଶିଷ ମହାନ୍ତି, ସରୋଜ ଲେଙ୍କା ଓ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପି କର୍ମଚାରୀଙ୍କୁ 'ସେଲ୍ ସାବାସ୍' ପୁରସ୍କାର



**ରାଉରକେଲା, ୭।୧୨(ସମିସ):** ସେଲ ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ଆଲୋଚନା କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଆରଏସପିର ୟୁଟିଲିଟି ଓ ପରିବେଶ ବିଭାଗ ଅଧୀନରେ ଥିବା ଜଳ ପ୍ରବନ୍ଧନ, ଅକ୍ସିଜେନ ପ୍ଲାଣ୍ଟ ଏବଂ ପରିବେଶ ଇଞ୍ଜିନିୟରିଂ ବିଭାଗରୁ ୪ ଜଣ ଅଧିକାରୀ ଏବଂ ୧୨ ଜଣ କର୍ମଚାରୀଙ୍କୁ 'ପ୍ରେରଣାଦାୟୀ ଯୋଜନା' ସେଲ୍ ସାବାସ' ଅଧୀନରେ ପୁରସ୍କୃତ କରାଯାଇଛି। ୟୁଟିଲିଟି ଏବଂ ପରିବେଶ ବିଭାଗର ସିଜିଏମ ହିରାଲାଲ ମହାପାତ୍ର ଉତ୍ସବରେ ଅଧ୍ୟକ୍ଷତା କରି ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଜିଏମ ଇନଚାର୍ଜ ଆରକେ ଶାହା, ଜଳ ପ୍ରବନ୍ଧନ ବିଭାଗର ଜିଏମ ଇନଚାର୍ଜ ଦେବଜିତ ରାଭା ଏବଂ ପରିବେଶ ବିଭାଗର ଜିଏମ ଇନଚାର୍ଜ ପିସି ଦାସଙ୍କ ଉପସ୍ଥିତିରେ କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ତରକେରା ପମ୍ପ ହାଉସର ସ୍ଲୁଇସ୍ ଗେଟ୍‌ରେ ଲିକେଜ୍ ହ୍ରାସ ପାଇଁ ଜଳ ପ୍ରବନ୍ଧନ ବିଭାଗର ଏଜିଏମ ବବରୁବାହନ ଦଳାଇ ପୁରସ୍କୃତ ହୋଇଥିଲେ। କନଷ୍ଟ୍ରକ୍ସନ ୱାଟର ପମ୍ପ ହାଉସର ମେକଅପ୍ ୱାଟର ପାଇପ୍ ଲିକେଜ୍ ସମାଧାନ ପାଇଁ ଡବ୍ଲୁଏମଡି ବିଭାଗର ମ୍ୟାନେଜର ଦୀପକ ଗର୍ଗ ଏହି ପୁରସ୍କାର ଲାଭ କରିଥିଲେ। ଜଳ ପରିଚାଳନା ବିଭାଗରୁ ଏଲ ଡି -୧ ସେକ୍ସନ ଭଲଭ୍‌ର ସ୍ଥାନାନ୍ତରଣ କାର୍ଯ୍ୟ ପାଇଁ ପୁରସ୍କାର ଗ୍ରହଣ କରିଥିବା ଅନ୍ୟ କର୍ମଚାରୀମାନେ ହେଲେ ଏମ ଓ ଏସଟି ଏସଏମଏସ ରାଜୀବ କୁମାର ଗିରି, ସଜଲ କୁମାର ବାନାର୍ଜୀ, ରଶ୍ମୀ ମଲ୍ଲିକ ଏବଂ ଜୁଜାର ସୋରେନ। ଏମଓଏମଟି ଶ୍ରୀ ମଦନ, ଓସିଟି ସୁରେଶ ମହାନ୍ତଙ୍କୁ ସଫ୍ଟୱାଟର ସେକେଣ୍ଡାରୀ କୁଲିଂ ଟାୱାରରୁ ଅସୁରକ୍ଷିତ ସଂରଚନା ଭାଙ୍ଗିବା ଓ ଏହାର ଅପସାରଣ ପାଇଁ ପୁରସ୍କୃତ କରାଯାଇଥିଲା। ବ୍ଲାଷ୍ଟ ଫର୍ଣ୍ଣେସ-୪ରେ ଏମପି ନାଇଟ୍ରୋଜେନ୍ ବ୍ୟବହାରକୁ କମ କରିବା ପ୍ରୟାସ ପାଇଁ ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଏଜିଏମ ସୁବ୍ରତ କୁମାର ଦାଶ, ସିନିୟର ମ୍ୟାନେଜର ପ୍ରଣବ କୁମାର ପାଣିଗ୍ରାହୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପାଞ୍ଚଟି ହାଇପ୍ରେସର ନାଇଟ୍ରୋଜେନ୍ କମ୍ପ୍ରେସରକୁ ବନ୍ଦ କରାଯାଇଥିଲା। ଅନୁରୂପ ଭାବେ କାଷ୍ଟର-ପ୍ରେସ୍ (ୟୁଭିଆରଟିଏସ)ର କ୍ୱିକ୍‌ସଟ ଅଫ୍ ଭଲଭ୍‌ର ପୁନଃରୁଦ୍ଧାର ପାଇଁ ମେକାନିକାଲ୍ ବିଭାଗର ଏମଓଏମଟି ଏଲ୍‌ଡି ବରାଳ ଏବଂ ଓସିଟି ଏନ୍ ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। ଏଏସୟୁ-୩ରେ ଭିଏଫ? ସ୍ଥାପନ ଏବଂ କମିଶନିଂ ପାଇଁ ଇଲେକ୍ଟ୍ରିକାଲ୍ ବିଭାଗର ଏମଓଏମଟି ଡିକେ ମିଶ୍ର, ଓସିଟି ଏମଡି ଦାଶ ଏବଂ ଏମଓଏମଟି ଜେକେ ରାଉତଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟୁତ ବ୍ୟାଘାତ ସମୟରେ ଏଏସୟୁ-୩ର ସ୍ଥିରତା ପାଇଁ ଅପରେଶନ ବିଭାଗର ଓସିଟି ଆରସି ପାତ୍ର ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ଏସଓଏସଟି ସଦାଶିବ ପଣ୍ଡା ସଂଯୋଜନା କରିଥିଲେ।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ବଣାଇଁ, ୭।୧୨(ସମିସ):** ବଣାଇଁ ଉପଖଣ୍ଡ ଟିକାୟତ ପାଲି ଥାନା ଅଧୀନ ତିଲେଇମାଲ ଗାଁରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ ହେଉଛି। ସୂଚନାଯୋଗ୍ୟ ଯେ ତିଲେଇମାଲ ଗ୍ରାମର ଜଗବନ୍ଧୁ କିସାନ (୫୩) ଶୁକ୍ରବାର ସକାଳୁ କୌଣସି କାର୍ଯ୍ୟରେ ନିଜ ଘରୁ ବାହାରି ସାଇକଲରେ କଷଡା ଛକକୁ ଯାଉଥିଲେ। ଦୀର୍ଘ ସମୟଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜିବାକୁ ଗଲାବେଳେ ନାଳ ନିକଟ ରାସ୍ତା କଡ଼ରେ ସେ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ବଣାଇଁ ସରକାରୀ ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ନାକ ଏବଂ ପାଟିରୁ ଫେଣ ବାହାରୁଥିବାରୁ ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଜଙ୍ଗଲ ରାସ୍ତା ଦେଇ ଯାଉଥିବା ବେଳେ ନାଳ ନିକଟରେ ଶୌଚ କରିବା ପାଇଁ ହେଉ କିମ୍ବା ଅନ୍ୟ କୌଣସି କାମଯୋଗୁଁ ଅଟକି ଥିବା ବେଳେ ସେଠାରେ ତାଙ୍କୁ ସାପ କାମୁଡି ଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି। ତେବେ ମୃତ୍ୟୁର ପ୍ରକୃତ କାରଣ ବର୍ତ୍ତମାନ ଅସ୍ପଷ୍ଟ ରହିଥିବା ବେଳେ ପୁଲିସ ଡାକ୍ତରଖାନାରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଆରଏସ୍‌ପିର ଏସ୍‌ଏମ୍‌ଏସ୍-୨ରେ ହିଟ୍ ସିକ୍ୱେନ୍ସ କାଷ୍ଟିଂ ରେକର୍ଡ



**ରାଉରକେଲା, ୭।୧୨(ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ୍ ମେଲ୍ଟିଂ ସପ-୨ (ଏସ୍‌ଏମ୍‌ଏସ୍-୨) ବିଭାଗର କଣ୍ଟିନ୍ୟୁୟସ କାଷ୍ଟିଂ ମେସିନ୍-୩ ଦୀର୍ଘତମ ହିଟ ସିକ୍ୱେନ୍ସ କାଷ୍ଟିଂର ଏକ ନୂତନ ରେକର୍ଡ ସୃଷ୍ଟି କରିଛି। ଏହି ରେକର୍ଡ ସିକ୍ୱେସରେ ୟୁନିଟ୍ ୩୮୯ଟି ହିଟ୍‌ର ସର୍ବକାଳୀନ ଶ୍ରେଷ୍ଠ କାଷ୍ଟିଂ ହାସଲ କରିଛି। ଉକ୍ତ ଅବଧିରେ ସମୁଦାୟ ଉଲ୍ଲେଖନୀୟ ୬୧୯୭୨ ଟନ ଅଶୋଧିତ ଇସ୍ପାତ କାଷ୍ଟିଂ ସମ୍ପନ୍ନ ହୋଇଥିଲା। ପୂର୍ବରୁ ୨୦୨୪ ଅକ୍ଟୋବରରେ ୩୮୦ଟି ହିଟ୍ ରେକର୍ଡ ୟୁନିଟର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏହି କାଷ୍ଟିଂ ଅପରେସନ୍ ନଭେମ୍ବର ୨୨ ତାରିଖ ସନ୍ଧ୍ୟା ୮ ଘଟିକାରେ ଆରମ୍ଭ ହୋଇ ଡିସେମ୍ବର ୫ ତାରିଖ ପୂର୍ବାହ୍ନ ୪ଟାରେ ଶେଷ ହୋଇଥିଲା। ମୋଟ କାଷ୍ଟିଂ ଅବଧି ୧୧ ଦିନ ୧୨ ଘଣ୍ଟା ହାସଲ ହୋଇଥିଲା। ଏହି ରେକର୍ଡ ସିକ୍ୱେନ୍ସ ପ୍ରଦର୍ଶନ ଅବଧିରେ କାଷ୍ଟର-୩ରେ ଦୁଇଟି ଅନଲାଇନ୍ ଆକାର ପରିବର୍ତ୍ତନ କରାଯାଇଥିଲା ଯାହା ଅପରେସନ୍‌ର ନମନୀୟତା ଏବଂ ଦକ୍ଷତାକୁ ଦର୍ଶାଉଛି। ତନ୍ମଧ୍ୟରେ ୨୨୦୦ ଗୁଣନ ୨୫୦ ମିଲିମିଟରର ୫୧ଟି ହିଟ, ୨୦୨୦ ଗୁଣନ ୨୫୦ ମିଲିମିଟରରେ ୨୩ଟି ହିଟ, ୧୮୫୦ ଗୁଣନ ୨୫୦ ମିଲିମିଟରର ୩୧୫ଟି ହିଟ ସାମିଲ ଥିଲା। ଟଣ୍ଡିସ୍ ଅପରେସନ୍ ଦୃଷ୍ଟିରୁ, ବିଭାଗୀୟ ଟିମ୍ ସମୁଦାୟ ୧୭ଟି ଟଣ୍ଡିସ୍ ବ୍ୟବହାର କରି ୧୬ଟି ଟଣ୍ଡିସ୍ ଫ୍ଲାଇଂ ହାସଲ କରିଥିଲା। ହାରାହାରି ହିଟ ସଂଖ୍ୟା ୨୨.୮୮ ଥିଲା, ପ୍ରତ୍ୟେକ ଟଣ୍ଡିସ ହାରାହାରି ୧୬ ଘଣ୍ଟା ୧୮ ମିନିଟ୍ କାର୍ଯ୍ୟକ୍ଷମ ଥିଲା। ସମଗ୍ର ଉତ୍ପାଦନ ଶୃଙ୍ଖଳ ଏବଂ ସହାୟକ ଏଜେନ୍ସି ଯଥା ମେକାନିକାଲ୍, ଇଲେକ୍ଟ୍ରିକାଲ୍, ଇନଷ୍ଟ୍ରୁମେଣ୍ଟେସନ୍, ରିସର୍ଚ୍ଚ ଆଣ୍ଡ କଣ୍ଟ୍ରୋଲ୍ ଲ୍ୟାବ୍ ଏବଂ ଉତ୍ପାଦନ ଯୋଜନା ଏବଂ ନିୟନ୍ତ୍ରଣ ବିଭାଗର ସମ୍ମିଳିତ ପ୍ରୟାସ ଦ୍ୱାରା ଏହି ସଫଳତା ହାସଲ ହୋଇପାରିଛି।

## ଯକ୍ଷ୍ମାମୁକ୍ତ ପାଇଁ ଗଡ଼ିଲା ସଚେତନତା ରଥ



**ବଣାଇଁ, ୭।୧୨(ସମିସ):** ଦେଶକୁ ଯକ୍ଷ୍ମାମୁକ୍ତ କରିବା ନିମନ୍ତେ ସରକାରଙ୍କ ୧୦୦ ଦିନିଆ କାର୍ଯ୍ୟକ୍ରମ ଉପଲକ୍ଷେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟଠାରୁ ଏକ ଯକ୍ଷ୍ମାମୁକ୍ତ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ଏହାକୁ ସାଂସଦଙ୍କ ବଣାଇଁ ପ୍ରତିନିଧି ମନୋଜ କୁମାର ପ୍ରଧାନ ଏବଂ ସଂକୀର୍ତ୍ତନ ସାହୁ ଶୁଭାରମ୍ଭ କରିଥିଲେ। ଏହି ସମାରୋହରେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ଅଧ୍ୟକ୍ଷ ଡାକ୍ତର ମନୋଜ କୁମାର ପତି, ସ. ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଡାକ୍ତର ବିଶ୍ୱରଞ୍ଜନ ସାହୁ, ତୁଷାରକାନ୍ତ ମହାପାତ୍ର, ପ୍ରଦୀପ୍ତ କୁମାର ମିଶ୍ର, ପ୍ରଦିପ୍ତ ରଞ୍ଜନ ମଲ୍ଲ, ଡମ୍ବରୁଧର ବେହେରା, ସ୍ଥାନୀୟ ଆଶା କର୍ମୀ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ବଣାଇଁ, ଲହୁଣୀପଡ଼ା, କୋଇଡା ଏବଂ ଗୁରୁଣ୍ଡିଆ ବ୍ଲକର ବିଭିନ୍ନ ଗ୍ରାମକୁ ପରିଭ୍ରମଣ କରି ସଚେତନତା ସୃଷ୍ଟି କରିବ ବୋଲି ଜଣାପଡ଼ିଛି।

### ଏକତ୍ର ରାଉରକେଲାର ଇସ୍ପାତ ନାଟ୍ୟ ମହୋତ୍ସବ ୨୦୨୪

## ନାଟକ 'ଜୀବନ ଯେମିତି' ମଞ୍ଚସ୍ଥ



**ରାଉରକେଲା, ୭।୧୨(ସମିସ):** ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ପୃଷ୍ଠପୋଷକତାରେ ଏକତ୍ର ରାଉରକେଲାର ଇସ୍ପାତ ନାଟ୍ୟ ମହୋତ୍ସବର ଷଷ୍ଠ ଦିବସରେ ନାଟକ 'ଜୀବନ ଯେମିତି' ମଞ୍ଚସ୍ଥ ହୋଇଛି। ଝିଲିମା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବିଶିଷ୍ଟ ଶ୍ରମିକନେତା ବିଷ୍ଣୁ ଚରଣ ମହାନ୍ତି ଯୋଗ ଦେଇଥିବାବେଳେ ଶ୍ରମିକନେତା ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର ପଟ୍ଟନାୟକ, ଶର୍ମିଷ୍ଠା କବି ଶତପଥୀ, ଆନନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଭାସ୍କର ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରାଜକୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ରଙ୍ଗମଞ୍ଚର ନାଟକ 'ଜୀବନ ଯେମିତି'ର ନାଟ୍ୟକାର ଡ. ପଞ୍ଚାନନ ପାତ୍ର ଓ କୈଳାଶ ପାଣିଗ୍ରାହୀଙ୍କ ନିର୍ଦ୍ଦେଶିତ ଏହି ନାଟକର କାହାଣୀ ହେଲା ଜଣେ ମଣିଷ ଅନ୍ୟ ଜଣେ ମଣିଷକୁ ବୁଝିପାରିଲେ ପରିବାର ତିଷ୍ଠି ରହେ। ସୁଦେଶ ନାୟକ, ଉମାଶଙ୍କର ପଣ୍ଡା, ସରୋଜ ଶଙ୍ଖୁଆ, ସୌମ୍ୟରଞ୍ଜନ ଲେଙ୍କା, ଦେବଜିତ ପଟ୍ଟନାୟକ, ସୌମ୍ୟା ସୁଚରିତା ଓ କୈଳାଶ ପାଣିଗ୍ରାହୀ ପ୍ରମୁଖ ଅଭିନୟ କରିଥିବା ବେଳେ ସଙ୍ଗୀତରେ ଅମୂଲ୍ୟ ବିଶୋଇ, ମଞ୍ଚ ପରିଚାଳନା ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ରୂପସଜ୍ଜାରେ ହରିହର ବଳ, ଆଲୋକରେ ସାଗର ସ୍?ରୁପ ସ୍ୱାଇଁ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ନାୟକ, ଅକ୍ଷୟ ଧଳ, ଡ଼ଃ ସମର ମୁଦାଲି, ରମେଶ ମହାନ୍ତି, ପ୍ରଜ୍ଞାନନ୍ଦ ମହାନ୍ତି, ଡ଼ଃ କୃପାସିନ୍ଧୁ ନାୟକ, ବିଜୟ ପାତ୍ର, ପ୍ରବୀର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଏପ୍ରିଲରୁ ନଭେମ୍ବର ମଧ୍ୟରେ ସର୍ବକାଳୀନ ପ୍ରଦର୍ଶନ

ରାଉରକେଲା, ୭।୧୨(ସମିସ)



ସେଲ ରାଉରକେଲା ଇସ୍ପାତ କାରଖାନାର ନୂତନ ୟୁନିଟ୍‌ଗୁଡ଼ିକ ଚଳିତ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୮ ମାସରେ ଅର୍ଥାତ୍ ଏପ୍ରିଲ-ନଭେମ୍ବର ମଧ୍ୟରେ ସେମାନଙ୍କର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛନ୍ତି। ଦେଶର ସର୍ବବୃହତ କାର୍ଯ୍ୟକ୍ଷମ ବ୍ଲାଷ୍ଟ ଫର୍ଣ୍ଣେସ ମଧ୍ୟରୁ ଅନ୍ୟତମ ବ୍ଲାଷ୍ଟ ଫର୍ଣ୍ଣେସ୍-୫ (ବିଏଫ୍ -୫) 'ଦୁର୍ଗା' ଏପ୍ରିଲ-ନଭେମ୍ବର ମଧ୍ୟରେ ୨୦, ୩୩, ୦୬୮ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ କରି ଏହାର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିବା ସହିତ ଅନୁରୂପ ପୂର୍ବବର୍ଷ ଅବଧିର ପୂର୍ବ ଶ୍ରେଷ୍ଠ ୧୯, ୦୧, ୭୧୨ ଟନ ଉତ୍ପାଦନ ପରିମାଣକୁ ଅତିକ୍ରମ କରିଛି। ପୁନର୍ନିର୍ମିତ ବ୍ଲାଷ୍ଟ ଫର୍ଣ୍ଣେସ୍-୧ ମଧ୍ୟ ସମାନ ଅବଧିରେ ଏହାର ସର୍ବକାଳୀନ ଶ୍ରେଷ୍ଠ ୬, ୫୦, ୧୦୦ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ ରେକର୍ଡ ହାସଲ କରିଛି। ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ ଅପ୍ରେଲ-ନଭେମ୍ବର ମଧ୍ୟରେ ୧୬, ୬୮, ୫୫୨ ଟନ ଏଚ୍‌ଆର କଏଲ ରୋଲିଙ୍ଗ ପୂର୍ବକ ଏହାର ସର୍ବକାଳୀନ ଶ୍ରେଷ୍ଠପ୍ରଦର୍ଶନ କରିଥିବାବେଳେ ନୂତନ ପ୍ଲେଟ୍ ମିଲ୍ ମଧ୍ୟ ଅନୁରୂପ ଅବଧିରେ ୬, ୨୩, ୨୧୪ ଟନ୍ ପ୍ଲେଟ୍ ପ୍ରସ୍ତୁତ କରି ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି। ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଭିନ୍ନଭିନ୍ନ ସ୍ଥିତିକୁ ଗ୍ରହଣ କରିବା, ପୂର୍ଣ୍ଣସାମର୍ଥ୍ୟ ଓ ଦଳଗତ କାର୍ଯ୍ୟର ମହତ୍ତ୍ୱଉପରେ ଗୁରୁତ୍ୱଦେଇ ଆର୍ଥିକ ବର୍ଷର ଅବଶିଷ୍ଟ ମାସରେ ଧାର୍ଯ୍ୟ ଲକ୍ଷ୍ୟ ଅତିକ୍ରମ କରିବାକୁଦଳକୁ ଉତ୍ସାହିତ କରିଛନ୍ତି। ଶୂନ୍ୟ ବ୍ରେକଡାଉନ୍ ସହିତ ନିରବଚ୍ଛିନ୍ନ ଉତ୍ପାଦନ ପ୍ରକ୍ରିୟା ନିଶ୍ଚିତ କରିବାକୁ ସେ ଦଳକୁ ଉତ୍ସାହିତ ମଧ୍ୟ କରିଛନ୍ତି।

# ଚାଷୀଙ୍କୁ ଚିନ୍ତା ଧାନ ସଂଗ୍ରହ ପ୍ରକ୍ରିୟାର ନୂଆ ନିୟମ

**ଜୟପାଟଣା, ୭।୧୨(ସମିସ):**

ଦୀର୍ଘ ଦିନର ଦାବି ପରେ ଧାନର ସର୍ବନିମ୍ନ ସହାୟତା ମୂଲ୍ୟ ବୃଦ୍ଧି ପାଇଛି। ବାରମ୍ବାର ଚାଷୀ ଦାବି ପରେ ଶେଷରେ କେନ୍ଦ୍ର ସରକାର ମୂଲ୍ୟ ବୃଦ୍ଧି କରିଛନ୍ତି। ରାଜ୍ୟ ସରକାର ମଧ୍ୟ ଏ ଦିଗରେ ୮ ଶହ ଟଙ୍କା ବୋନସ ଦେବାକୁ ଘୋଷଣା କରିଛନ୍ତି। ଧାନ କୁଇଣ୍ଟାଲ ୩୧ ଶହ ଟଙ୍କାରେ ବିକି ଚାଷୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା। ଦୀର୍ଘ ଦିନ ଧରି ଚାଷ କାର୍ଯ୍ୟ କରି ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରି ନ ଥିବା ଚାଷୀ ଅଧିକା ଟଙ୍କା ପାଇଁ ଅନେକ ସପ୍ନ ଦେଖିଥିଲେ; କିନ୍ତୁ ଯାହା ଧାନ ସଂଗହ ପ୍ରକ୍ରିୟାର ନିୟମ ଶୁଣି ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି।

କଳାହାଣ୍ଡି ଜିଲ୍ଲାରେ ପ୍ରଥମେ ଗୋଲାମୁଣ୍ଡା ବ୍ଲକ ଘୋଟିଆ ମଣ୍ଡିରେ ଚଳିତ ଖରିଫ ଧାନ ସଂଗହ ପ୍ରକ୍ରିୟା ଆରମ୍ଭ ହୋଇଛି; ହେଲେ ଅନ୍ୟ ଅଞ୍ଚଳର ମଣ୍ଡିଗୁଡିକରେ ଧାନ ଉଠାଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ପାରିନାହିଁ। ଜୟପାଟଣା ବ୍ଲକରେ ଏଥର ୫ଟି ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ମଣ୍ଡି ଖୋଲାଯିବ। ଏଥିପାଇଁ ମିଲର ମଧ୍ୟ ଟ୍ୟାଗ୍ ହୋଇଛି। ଟାର୍ଗେଟ ପ୍ରଦାନ କରାଯାଇଛି। ରଣମାଲ ପେକ୍ସକୁ ୯୬ ହଜାର କୁଇଣ୍ଟାଲ, ବାନେର ପେକ୍ସକୁ ୯୫ ହଜାର କୁଇଣ୍ଟାଲ, ବଡ଼ପୁଝାରିଗୁଡା ପେକ୍ସକୁ ୯୭ ହଜାର କୁଇଣ୍ଟାଲ, ମଙ୍ଗଳପୁର ପେକ୍ସକୁ ୫୩ ହଜାର କୁଇଣ୍ଟାଲ ଓ ବାନେର ପେକ୍ସକୁ ୧ ଲକ୍ଷ ୪୯ ହଜାର କୁଇଣ୍ଟାଲ ଧାନ ସଂଗହ ଟାର୍ଗେଟ ମିଳିଛି। ରଣମାଲ ପେକ୍ସରେ ୩୨୧୮ ଜଣ, ବାନେର ପେକ୍ସରେ ୩୦୫୩ ଜଣ, ବଡ଼ପୁଝାରିଗୁଡା ପେକ୍ସରେ ୩୦୦ ଜଣ, ମଙ୍ଗଳପୁର ପେକ୍ସରେ ୧୬୯୦ ଜଣ ଓ ଜୟପାଟଣା ପେକ୍ସରେ ୨୫୬୫ ଜଣକୁ ମିଶାଇ ୧୩, ୫୨୬ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି; କିନ୍ତୁ ଅଦ୍ୟାବଧି ମଙ୍ଗଳପୁର ପେକ୍ସରୁ ୩ଜଣ ଚାଷୀଙ୍କ ୧୫୦ କୁଇଣ୍ଟାଲ, ଜୟପାଟଣା ପେକ୍ସର ଜୟପାଟଣା, ବାନେର ପେକ୍ସର ଖାଲିଆଭଟା ଓ ଧାମନଗୁଡା ମଣ୍ଡିର କିଛି ଚାଷୀଙ୍କ ଧାନ ଉଠାଣ ହୋଇଛି। ଅନ୍ୟମଣ୍ଡି ଗୁଡିକ ଆରମ୍ଭ ହୋଇନାହିଁ। ଡିସେମ୍ବର ମାସ ପ୍ରଥମରୁ ଚାଷୀଙ୍କୁ ଟୋକାନ ମିଳିଛି। ଚାଷୀ ଧାନ ମଧ୍ୟ ଅମଳ କରିଲେଣି; ହେଲେ ୨୩ଟି ମଣ୍ଡିରୁ ୪ଟି ମଣ୍ଡି ଆରମ୍ଭ ହୋଇଛି। ଅନ୍ୟ ମଣ୍ଡିଗୁଡିକ ୧୦ ତାରିଖ ଭିତରେ ଆରମ୍ଭ ହୋଇପାରେ। ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟ ସରକାର ଯେଉଁ ଧାନର ମାନ ଉପରେ ଯେଉଁ ଗୁରୁତ୍ୱ ଦେଇଛନ୍ତି ତାହା ଚାଷୀଙ୍କ ହିତରେ ନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏଫଏକ୍ୟୁ ମାନ ଧାନ ହିଁ ବିକ୍ରି ହେବ। ନ ଚେତ ବିକ୍ରି କରିପାରିବେ ନାହିଁ ବୋଲି ଚାଷୀ ଶୁଣିଲା ପରେ ସେମାନଙ୍କୁ ଚିନ୍ତା ଗ୍ରାସିଛି। ଗୋଟିଏ ପଟେ ମୂଲ୍ୟ ବୃଦ୍ଧି କରି ଅନ୍ୟପଟେ କଡା ନିୟମ କାହା ସ୍ୱାର୍ଥ ନିହିତ ପାଇଁ ବୋଲି ପ୍ରଶ୍ନ ସୃଷ୍ଟି କରିଛି। ଚାଷ କାର୍ଯ୍ୟରେ ଚାଷୀ ଶ୍ରମିକ ଅଭାବଠାରୁ ଆରମ୍ଭ କରି ରୋଗପୋକ, ବର୍ଷା ଖରା ଦାଉରୁ ଧାନକୁ ରକ୍ଷା କରି ବହୁ କଷ୍ଟରେ ଫସଲ ଅମଳ କରୁଛି। ଧାନ ଅମଳ ବେଳକୁ ରୋଗ ସଂକ୍ରମିତ କରୁଛି। ବାରମ୍ବାର କୀଟନାଶକ ଔଷଧ ସିଞ୍ଚନ କଲେ ମଧ୍ୟ କେଉଁ ଚାଷୀର କାମ ଦେଉଛି ତ କେଉଁ ଚାଷୀର କାମ କରୁନାହିଁ; ଯାହାଫଳରେ ଧାନ ଅପରିପକ୍ୱ ଓ ତାର ରଙ୍ଗରେ ଅଳ୍ପ ପରିବର୍ତ୍ତନ ଘଟୁଛି। ଧାନର ଏଭଳି ସ୍ଥିତିରେ ଚାଷୀ ସମ୍ପୂର୍ଣ୍ଣ ନିରୁପାୟ ଥିବାବେଳେ କୃଷି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଗତ କିଛି ଦିନ ହେଲା ମେଘୁଆ ପାଗ ଯୋଗୁଁ ଅମଳ ଧାନ ମଧ୍ୟ ଭଲ ଭାବରେ ଶୁଖି ପାରୁନାହିଁ। ଥରକୁ ଥର ନୂଆ ନୂଆ ରୋଗପୋକ ଲାଗୁଥିବା ବେଳେ ଚାଷୀଙ୍କ ଉପରେ ଏହାର ସିଧା ସଳଖ ପ୍ରଭାବ ପଡୁଛି। ମଣ୍ଡିରେ କଡା ନିୟମ ତଥା ମଣ୍ଡି ଚାଲିବାରେ ବିଳମ୍ବ ଯୋଗୁଁ ଚାଷୀ ଚିନ୍ତାରେ ଥିବା ବେଳେ ବେପାରୀ ଏହାର ସିଧା ଫାଇଦା ଉଠାଉଛନ୍ତି। ନିରୁପାୟ ହୋଇ ଚାଷୀ ୨ ହଜାର ଟଙ୍କାରେ ଧାନ କୁଇଣ୍ଟାଲକୁ ଟେକି ଦେଉଛି। ନିୟମ ପ୍ରଣୟନ କରିଦେଇ ସରକାର ତାଙ୍କର ସବୁ କର୍ତ୍ତବ୍ୟ ସାରି ଦେଇଥିବା ବେଳେ ତୃଣମୂଳରେ କିଭଳି ସ୍ଥିତି ରହିଛି ସେ ଦିଗରେ କାହାର ଦୃଷ୍ଟି ନାହିଁ। ସରକାରଙ୍କ କଟନୀ ଛଟନୀକୁ ରୋକିବା ପାଇଁ ପଦକ୍ଷେପ ସ୍ୱାଗତଯୋଗ୍ୟ; କିନ୍ତୁ ସେ ଦିଗରେ ଚାଷୀଙ୍କୁ ସଚେତନତା ଜରୁରୀ। ଉନ୍ନତ ମାନ ଧାନ ପାଇଁ କୃଷି ବିଭାଗ ଚାଷୀଙ୍କୁ ତାଲିମ ଦେବା ସହ ଧାନ ଅମଳ ବେଳକୁ କେଉଁ କେଉଁ ରୋଗ ସଂକ୍ରମଣ ହେବା ସମ୍ଭାବନା ରହିଛି, କିଭଳି ଏହାର ନିରାକରଣ ହେବ ସେ ଉପରେ ଚାଷୀଙ୍କୁ ମାର୍ଗଦର୍ଶନ କଲେ ହିଁ ଏହାର ଠିକ ରୂପାୟନ ହେବ। ନ ଚେତ ହନ୍ତସନ୍ତ ହେବା ସାର ବୋଲି ଚାଷୀ ମହଲରେ ମତ ପ୍ରକାଶ ପାଇଛି। ତେବେ ଏଫଏକ୍ୟୁ କରିବା ପାଇଁ ଚାଷୀ ସଚେତନ ନାହାନ୍ତି। ତଥା ଏଫଏକ୍ୟୁ କରିବା ପାଇଁ ତାଙ୍କ ପାଖରେ ସାଧନ ନାହିଁ। ଆଗରୁ ଧାନ ଅମଳ କରି ସୁବିଧାରେ ବିକ୍ରି କରୁଥିବା ବେଳେ ବର୍ତ୍ତମାନ କଡା ନିୟମ ଚାଷୀଙ୍କୁ ଚିନ୍ତାରେ ପକାଇଛି।

## ଗୋତମୁଣ୍ଡା ଧାନ ମଣ୍ଡି ଉଦ୍‌ଘାଟିତ

**କୋକସରା, ୭ ।୧୨(ସମିସ):** କୋକସରା ବ୍ଲକ ଟେମରା ପ୍ରାଥମିକ କୃଷି ସମବାୟ ସମିତି ଅଧୀନ ଗୋତମୁଣ୍ଡା ଉପ ଧାନ ମଣ୍ଡି ଶନିବାର ଉଦ୍‌ଘାଟିତ ହୋଇଛି। ପେକ୍ସ ସମ୍ପାଦକ ରଞ୍ଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଟେମରା ସମବାୟ ସମିତି ସଭାପତି ନବୀନ ପୁଝାରି, ଆମପାଣି ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ ପ୍ରମୁଖ ଯୋଗଦେଇ ଚାଷୀଙ୍କ ଗହଣରେ ମଣ୍ଡି ଉଦ୍‌ଘାଟନ କରିଥିଲେ। ଆରଏମସି କର୍ମଚାରୀ ରଞ୍ଜିତ ବାହାଦୁର, ଟଙ୍କ ମେହେର, ଚାଷି ନରେନ୍ଦ୍ର ମେହେର, ଲକ୍ଷ୍ମୀଧର ପୁଝାରି, ହରେକୃଷ୍ଣ ନାଏକ, ତୁଳସୀ ବିହାରୀ, ଉପେନ୍ଦ୍ର ବାଗ, ନିରଞ୍ଜନ ବାଗ, ବଳରାମ ମାଝୀ, ପୂର୍ଣ୍ଣଚନ୍ଦ୍ର ନାଏକ, ହିମାଞ୍ଚଳ ପୁଝାରି, ପାର୍ଥବ ମାଝୀ ସମେତ ୨ଟି ପଞ୍ଚାୟତର ଚାଷୀ ଉପସ୍ଥିତ ଥିଲେ।



## ଜିଲ୍ଲାପାଳଙ୍କ ବିଭିନ୍ନ କ୍ଷେତ୍ର ପରିଦର୍ଶନ

# ମଣ୍ଡିରେ ଚାଷୀଙ୍କ ସମସ୍ୟା ସୁଧାରିବାକୁ ନିର୍ଦ୍ଦେଶ



**ନୂଆପଡ଼ା, ୭।୧୨(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ କ୍ଷେତ୍ର ପରିଦର୍ଶନରେ ଯାଇ କର୍ଲାକୋଟ ଧାନମଣ୍ଡିରେ ଧାନ କ୍ରୟ ବ୍ୟବସ୍ଥା ଦେଖିଥିଲେ। ନବୀନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଏହି ମଣ୍ଡିରେ ୭ଜଣ କୃଷକ ୭୦୩ ବସ୍ତା ଧାନ ଜମା କରିଥିଲେ। ମଣ୍ଡିରେ ଚାଷୀଙ୍କ ପାଇଁ ପିଇବା ପାଣି, ଶୌଚାଳୟ ବସିବା ପାଇଁ ଛାଇ ଓ ଚୌକିର ବ୍ୟବସ୍ଥା କରିବା ପାଇଁ ଆରଏମ୍‌ସିର କର୍ମଚାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ କର୍ଲାକୋଟ ସବ୍ ସେଣ୍ଟର ସ୍ୱାସ୍ଥ୍ୟକେନ୍ଦ୍ର ତଥା ଡେ-କେୟାର ସେଣ୍ଟର ପରିଦର୍ଶନ କରିଥିଲେ। ଏହା କୋମନା ବ୍ଲକ ଦ୍ୱାରା ୪୬ ଲକ୍ଷ ଟଙ୍କାରେ ନିର୍ମିତ ହୋଇଛି। ଡିସେମ୍ବରରେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ ଅବସରରେ ଉଦ୍‌ଘାଟନ ହେବାକୁ ଥିବାରୁ ଏହାର କାମ ଶୀଘ୍ର ସମ୍ପନ୍ନ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସମାଜ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଡମଝର ବିଦ୍ୟାଳୟ ପରିଦର୍ଶନ କରି ଏଠାରେ ୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଅତିରିକ୍ତ ଶ୍ରେଣୀଗୃହର କାମ ଏକ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କହିଥିଲେ। ୯୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଡମଝର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୃହର ଛାତ ପଡ଼ି ସାରିଥିବାରୁ ବାକି କାମ ୨ ମାସ ମଧ୍ୟରେ ସାରିବାକୁ ବିଡିଓ ଓ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଲର୍କା ମଣ୍ଡି ପରିଦର୍ଶନ କରି ଚାଷୀ ଏବଂ ମିଲରଙ୍କ ସହିତ ଆଲୋଚନା କରି ଆପୋଷ ସହଯୋଗରେ ସୁବ୍ୟବସ୍ଥା ସହିତ ଧାନ ଉଠାଇ ଏହାକୁ ଜିଲ୍ଲାର ଏକ ଆଦର୍ଶ ମଣ୍ଡି କରିବା ପାଇଁ ଆହ୍ୱାନ ଦେଇଥିଲେ। ବୋଇରଗାଁ ପଞ୍ଚାୟତର ଚିକଲଚୁଆଁ ଗାଁରେ ଜଳ ବଭାଜିକା ପ୍ରକଳ୍ପ ଦ୍ୱାରା ନିର୍ମିତ ୩ ହେକ୍ଟର ବିଶିଷ୍ଟ ଆମ୍ବ ବଗିଚା ବୁଲି ଦେଖିଥିଲେ। ଆମ୍ବ ବଗିଚା ଖଗେଶ୍ୱର ମାଝୀ ଏବଂ ତାଙ୍କ ସାଥୀ କୃଷକଙ୍କ ଦ୍ୱାରା ମନରେଗା ଯୋଜନାରେ ୧୨ଲକ୍ଷ ୪୦ହଜାର ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ଯେଉଁଠାରେ ୧୨୦୦ ଆମ୍ବ ଗଛ ଲଗାଯାଇଛି। ପରେ କେଶରାଜପୁରସ୍ଥିତ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟ ପରିଚାଳନା କମିଟି ସଭାରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଡିଓ, ବ୍ଲକ ଶିକ୍ଷା ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀ, ପୂର୍ତ୍ତ ବିଭାଗ ଯନ୍ତ୍ରୀ, ବିଦ୍ୟାଳୟର ଅଧ୍ୟକ୍ଷ ଓ ପରିଚାଳନା କମିଟି ସଦସ୍ୟ ଯୋଗଦେଇଥିଲେ। ପରେ ବିଦ୍ୟାଳୟ ଅଧ୍ୟକ୍ଷ ଏବଂ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ବୈଠକରେ ଉତ୍ତମ ଶିକ୍ଷାଦାନ ସହିତ ଛାତ୍ରଛାତ୍ରୀଙ୍କୁ ସୁନାଗରିକ ହିସାବରେ ଗଢ଼ି ତୋଳିବା ସହିତ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ସେମାନଙ୍କୁ ଆହ୍ୱାନ ଦେଇଥିଲେ।

# ଜାନୁୟାରୀ ୧୫ରୁ ୧୭ ଧର୍ମଗଡ଼ରେ 'ଘୁମୁରା'



ପୁରୁଣା କମିଟି ସଦସ୍ୟକୁ ନେଇ ଅସନ୍ତୋଷ

**ଧର୍ମଗଡ଼, ୭ ।୧୨(ସମିସ):** ଧର୍ମଗଡ଼ରେ ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା-୨୦୨୫' ଜାନୁୟାରୀ ୧୫ ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ସ୍ଥାନୀୟ ବ୍ଲକ ସଭା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଧର୍ମଗଡ଼ ଉପଜିଲ୍ଲାପାଳ ତଥା ଉତ୍ସବ କମିଟିର ଅଧ୍ୟକ୍ଷ ଧିମାନ ଚକମା, ବିଡିଓ ଶରତ ପାତ୍ର, ତହସିଲଦାର ସଞ୍ଜୟ ସାମନ୍ତରା, ନଗରପାଳ ଅଶୋକ ମହାନ୍ତି, ଉପଖଣ୍ଡ ପୁଲିସ ଅଧିକାରୀ ମନୋଜ ବେହେରା, ଏନଏସି ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଏନଏସି ଉପାଧ୍ୟକ୍ଷା ମନୀଷା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ କମିଟିର ପୁନର୍ଗଠନ ଓ ଉତ୍ସବ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତେବେ ଏହି ଉତ୍ସବରେ ଦୀର୍ଘ ବର୍ଷ ଧରି ଗାଦି ମାଡିବସିଥିବା କମିଟି ସଦସ୍ୟଙ୍କୁ ନେଇ ଅସନ୍ତୋଷ ଦେଖାଯାଇଥିଲା। ବୈଠକରେ ଧର୍ମଗଡ଼ ଥାନା ଅଧିକାରୀ ଦାମୋଦର ବିହାରୀ, ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀ, ନିରଞ୍ଜନ ମହାପାତ୍ର, ଭବାନି ଚରଣ ଦାସ, ସୁବାସ ପାଣିଗ୍ରାହୀ, ସନ୍ତୋଷ ମେହେର, ସାମ୍ବାଦିକ ବିଦ୍ୟାଧର ସାହୁ, ବିରଞ୍ଚି ନାରାୟଣ ଜାଲ, ଅଂଶୁମାନ ପାତ୍ର, ଆଶୁତୋଷ ରାଉତ, ବାଳକୃଷ୍ଣ ନାଏକ, ରମଣୀକାନ୍ତ ଜାଲଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ, ପୁରୁଣା କମିଟିର ସଦସ୍ୟ, ଧର୍ମଗଡ଼ର ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ଆଲୋଚନାରେ ଭାଗ ନେଇଥିଲେ।

## ଗୋକୁଳେଶ୍ୱର ଗୌରୀଶଙ୍କର ଉଚ୍ଚ ବିଦ୍ୟାଳୟ

# ଭଲରେ ମୁଠେ ଖାଇବାକୁ ପାଉନାହାନ୍ତି ହଷ୍ଟେଲ ଛାତ୍ରୀ

**ଭବାନୀପାଟଣା, ୭।୧୨(ସମିସ):** ସମସ୍ତଙ୍କ ପାଇଁ ଶିକ୍ଷାକୁ ଏକ ମୌଳିକ ଅଧିକାରରେ ପରିଣତ କରିବା ପାଇଁ ଚେଷ୍ଟା କରାଯାଉଛି; ହେଲେ କେତକ ତ୍ରୁଟିବିଚ୍ୟୁତି ଲାଗି ଏହା ସମ୍ଭବ ହେଉନାହିଁ। ଅନୁସୂଚିତ ଜାତି ଜନଜାତି ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ସରକାର ପ୍ରବଳ ଅର୍ଥ ବ୍ୟୟ କରୁଛନ୍ତି; ହେଲେ ତାହାର ସୁଫଳ ମିଳୁନାହିଁ। କଳାହାଣ୍ଡିରେ ଏମିତି ଏକ ବିଦ୍ୟାଳୟ ଅଛି; ଯେଉଁଠି ଛାତ୍ରୀମାନେ ମୁଠେ ଭଲରେ ଖାଇବା ସ୍ୱପ୍ନ ପାଲଟିଛି। ବିଦ୍ୟାଳୟରେ ପରିଚାଳନାଗତ ସମସ୍ୟା ଯୋଗୁଁ ସରକାରଙ୍କ ଅସଲ ଆଭିମୁଖ୍ୟ ସଫଳ ହେଉନାହିଁ। କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଗୋକୁଳେଶ୍ୱର ଗ୍ରାମରେ ଥିବା ଗୌରୀ ଶଙ୍କର ଉଚ୍ଚ ବିଦ୍ୟାଳୟରେ ଏଭଳି କିଛି ବିଚିତ୍ର ସ୍ଥିତି ଦେଖିବାକୁ ମିଳିଛି।

ବିଦ୍ୟାଳୟଟି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧୀନରେ ରହିଛି। ସେହିଭଳି ହଷ୍ଟେଲରେ ରହୁଥିବା ୬୨ ଜଣ ଛାତ୍ରୀଙ୍କ ଦାୟିତ୍ୱ ଜିଲ୍ଲା ମଙ୍ଗଳ ଅଧିକାରୀ ବିଭାଗର ତତ୍ତ୍ୱାବଧାନରେ ଅଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟା ୧୦୨। ୧୧ଜଣ ଶିକ୍ଷକ ଅଛନ୍ତି। ହଷ୍ଟେଲ ଇନଚାର୍ଜ ରୂପେ ନିଜେ ପ୍ରଧାନ ଶିକ୍ଷକ ସବୁ ସମ୍ଭାଳୁଛନ୍ତି। ହଷ୍ଟେଲର ଛାତ୍ରୀଙ୍କୁ ବାର ଅନୁଯାୟୀ ଅଣ୍ଡା, ମାଛ ଓ ଚିକେନ୍ ଇତ୍ୟାଦି ଦିଆଯାଉନାହିଁ। ଏପରିକି ସେଠାରେ ନିଯୁକ୍ତ ପାଚିକା ମଧ୍ୟ ଛାତ୍ରୀଙ୍କ ଅଭିଯୋଗ ପ୍ରକାରେ ସମାନ ମତ ରଖିଛନ୍ତି। ପୂର୍ବରୁ ମାଂସ ଦିଆ ହେଉଥିଲା। ବର୍ତ୍ତମାନ କୌଣସି କାରଣରୁ ଆଉ ମିଳୁନାହିଁ। କେବଳ ସେତିକି ନୁହେଁ; ଛାତ୍ରୀମାନଙ୍କ ପ୍ରସାଧନ ବାବଦରେ ଉଦ୍ଦିଷ୍ଟ ଅର୍ଥ ବିଲକୁଲ ମିଳୁନି। ଜଣେ ଛାତ୍ରୀ ପିଛା ସରକାର ୧୦୯୦ ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ସେ ଅର୍ଥ ଯାଉଛି କୁଆଡେ ବୋଲି ଅନେକ ପ୍ରଶ୍ନ କରିଛନ୍ତି। ପ୍ରାୟ ପ୍ରତିଦିନ ଡାଲି ଓ ଭାତରେ କାମ ଚଳାଇ ଦିଆଯାଉଛି। କେଉଁ କେଉଁ ଦିନ ଭଜା କି ତରକାରୀରେ ଚଳି ଯାଉଛି। ତେବେ ଏ ନେଇ ପ୍ରଧାନ ଶିକ୍ଷକଙ୍କୁ ଯୋଗାଯୋଗ କରିବାରୁ ସେ ଫୋନକୁ କାଟି ଦେଇଥିଲେ। ସେହିପରି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ଜିଲ୍ଲାରେ ଅନୁସୂଚିତ ଜାତି ଜନଜାତି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ୪୭ଟି ବିଦ୍ୟାଳୟ ରହିଛି। ଗୌରୀ ଶଙ୍କର ଉଚ୍ଚ ବିଦ୍ୟାଳୟରୁ ସ୍ପଷ୍ଟ ଜଣାପଡୁଛି ଅନ୍ୟ ସବୁ ବିଦ୍ୟାଳୟ କେମିତି ଚାଲିଛି।

**ଅନୁସୂଚିତ ଜାତି ଜନଜାତି ଛାତ୍ରୀଙ୍କ ପାଇଁ ଆସୁଥିବା ଟଙ୍କା ଯାଉଛି କୁଆଡ଼େ**

# ଅକ୍ଷୟ, ସନତରାମ ଓ ଟିକେଶ୍ୱରଙ୍କୁ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ



**ନୂଆପଡ଼ା,୭।୧୨(ସମିସ):**

ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନର ଜିଲ୍ଲାସ୍ତରୀୟ ଚୟନ କମିଟି ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆପଡ଼ାର ଏମଏସସି ପଢିଥିବା ଉଚ୍ଚ ଶିକ୍ଷିତ ଯୁବକ

ଅକ୍ଷୟ କୁମାର ମିଶ୍ର, ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ୨୦୨୩-୨୪ ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉଦ୍ଭାବନ କ୍ଷେତ୍ରରେ ବୃକ୍ଷଲତା ପାଇଁ ରିଦ୍ମୋମିଟର ଉଦ୍ଭାବନ ପାଇଁ ସେ ୧୫ହଜାର ଟଙ୍କା ପୁରସ୍କାର ପାଇବେ। ଏହି ଯନ୍ତ୍ରରେ ବୃକ୍ଷଲତାର ଶ୍ୱାସ ପ୍ରଶ୍ୱାସ, ଭୂମିରୁ ଖାଦ୍ୟ ଗ୍ରହଣ କ୍ଷମତା, ଫଟୋ ସିନ୍ଥେସିସ କ୍ଷମତା ମାପ ଦ୍ୱାରା ଗଛଟି ରଗ୍ଣ କି ସୁସ୍ଥ ଜଣାପଡ଼ିବ। ସେହିପରି ନୂତନ ଧାରଣା କ୍ଷେତ୍ରରେ ସ୍ୱୟଂ ଚାଳିତ କୀଟ ଦମନ ପ୍ରକଳ୍ପ ପାଇଁ ତାଙ୍କୁ ପ୍ରଥମ ବିବେଚିତ କରାଗଲା। ତାଙ୍କର ଏହି ସଫଳତା ପାଇଁ ୫୦୦୦ ଟଙ୍କା ଅତିରିକ୍ତ ପୁରସ୍କାର ରାଶି ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ, ଶ୍ରୀ ମିଶ୍ରଙ୍କ ଏହି ଉଭୟ ପ୍ରକଳ୍ପ ଭାରତୀୟ କୃଷି ଗବେଷଣା ସଂସ୍ଥା ଦ୍ୱାରା ପୂର୍ବରୁ ଉଚ୍ଚ ପ୍ରଶଂସିତ ହୋଇଛି। ସେହିପରି ଜିଲ୍ଲାର କୃଷକ ସନତରାମ ମାଝୀ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ୨୦୨୩-୨୪ ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ମଟର ସାଇକଲ ଇଞ୍ଜିନର ଉପଯୋଗ କରି ନୂତନ ଘାସମରା ଯନ୍ତ୍ର ଉଦ୍ଭାବନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ୧୫୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ନୂଆପଡ଼ାର ଆଉଜଣେ ଶିଳ୍ପି ଟିକେଶ୍ୱର ଦେୱାଙ୍ଗନଙ୍କୁ ଟ୍ରାକ୍ଟର ଚାଳିତ ପାଣି ପମ୍ପର ନୂତନ ଉଦ୍ଭାବନ ପାଇଁ ତୃତୀୟ ପୁରସ୍କାର ପାଇବେ। ସେ ମଧ୍ୟ ତାଙ୍କର ଏହି ସଫଳତା ପାଇଁ ୧୫୦୦୦/ ଟଙ୍କା ପୁରସ୍କାର ରାଶି ପାଇବେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ଏଥିପାଇଁ ୧୯ ଜଣ ପ୍ରତିଯୋଗୀ ଆବେଦନ କରିଥିଲେ। ଉପରୋକ୍ତ ତିନିଜଣ କୃତୀ ବିବେଚିତ ଉଦ୍ଭାବକଙ୍କୁ ଆଗାମୀ ଡିସେମ୍ବର ୧୭ ରୁ ୨୧ ତାରିଖରେ ହେଉଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ପୁରସ୍କୃତ କରାଯିବ। ଚୟନ ବୈଠକରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ, କୃଷି ଅଧିକାରୀ ସତ୍ୟ ଭୂଷଣ ନାଗ, ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ହରେକୃଷ୍ଣ ହାଁସଦା, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ରବିନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାତ୍ର, ଡିପିସି ମିଶନ ଶକ୍ତି ସୁନୀଲ କୁମାର ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ସହିତ କୃଷି କ୍ଷେତ୍ରରେ ନୂତନ ଉଦ୍ଭାବନ ସୃଷ୍ଟି କରିବା ପାଇଁ ଆଇଟିଆଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ଆହ୍ୱାନ ଦିଆଯାଇଛି।


## ସମକାଳୀନ ଶିକ୍ଷା ବ୍ୟବସ୍ଥାରେ

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅଗ୍ରଣୀ ଭୂମିକା

କଟକ ସହର ଉପକଣ୍ଠ ବିଦ୍ୟାଧରପୁରଠାରେ ଅବସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ୨୦୦୯ ମସିହାରେ ପ୍ରତିଷ୍ଠାଲାଭ କରିବା ପରଠାରୁ ରାଜ୍ୟ ତଥା ରାଜ୍ୟ ବାହାରର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଆଦୃତ ହୋଇପାରିଛି। ଏକ ଶାନ୍ତ, କମନୀୟ ତଥା ବିସ୍ତୀର୍ଣ୍ଣ ଅଞ୍ଚଳରେ ପରିବ୍ୟାପ୍ତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସବୁ ଋତୁକୁ ସୁହାଇବା ଭଳି ପରିସର ଓ ଶ୍ରେଣୀଗୃହ ସୁବିଧା ରହିଛି।

ଏଠାରେ କୃଷି ଓ ଉଦ୍ୟାନକୃଷି, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ (ଆର୍କିଟେକଚର), କଳା, ଯୋଗାଯୋଗ ଓ ଭାରତୀୟ ଅଧ୍ୟୟନ; ମନସ୍ତତ୍ତ୍ୱ (ସାଇକୋଲୋଜି), ଯାନ୍ତ୍ରିକ ଓ ବୈଷୟିକ ଶିକ୍ଷା (ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି), ସ୍ୱାସ୍ଥ୍ୟ ଓ ସୁସ୍ଥତା, ପରିଚାଳନା (ମ୍ୟାନେଜମେଣ୍ଟ) ଏବଂ ବିଜ୍ଞାନ ଭଳି ପାଠ୍ୟକ୍ରମ ଉପଲବ୍ଧ ରହିଛି। ଏଥିସହ ବିଶ୍ୱବିଦ୍ୟାଳୟରେ ରହିଛି ଉତ୍ତମ ମାନର ଅନୁସନ୍ଧାନ ଓ ବିକାଶ ବିଭାଗ। 'ଶ୍ରୀ ଶ୍ରୀ ନୂତନ ଧାରଣା ଏବଂ ଉଦ୍ଭାବନ ବିଭାଗ' ନାମରେ ଏହା ଆକାଂକ୍ଷୀ ବିଦ୍ୟାର୍ଥୀମାନଙ୍କୁ ଉନ୍ନତ ମାନର ଗବେଷଣା ନିମନ୍ତେ ଆବଶ୍ୟକ ସମସ୍ତ ପ୍ରକାର ସୁବିଧା ଯୋଗାଇ ଆସୁଛି। ମୁକ୍ତ ଏବଂ ଦୂରନ୍ତର ଶିକ୍ଷା (ଓପନ୍ ଆଣ୍ଡ ଡିଷ୍ଟାନ୍ସ ଲର୍ଣ୍ଣିଂ) ବ୍ୟବସ୍ଥା ସାଙ୍ଗକୁ ଅଧ୍ୟାପିକା ବିକାଶ କାର୍ଯ୍ୟକ୍ରମ (ଏଫଡିପି) ଏବଂ ପରିଚାଳନା ବିକାଶ କାର୍ଯ୍ୟକ୍ରମ (ଏମଡିପି) ମଧ୍ୟ ଉପଲବ୍ଧ ରହିଛି।

ଏତଦ୍ ବ୍ୟତୀତ ଏଠାରେ ଆୟୁର୍ବେଦ ବିଷୟରେ 'ଆୟୁର୍ବେଦ ଚିକିତ୍ସା ଏବଂ ସର୍ଜରୀର ସ୍ନାତକ' (ବିଏଏମଏସ) ପାଠ୍ୟକ୍ରମ ଶିକ୍ଷାଦାନ କରାଯାଉଛି। ବିଶ୍ୱବିଦ୍ୟାଳୟ ପରିସରରେ ଏକ ଚିକିତ୍ସାଳୟ ମଧ୍ୟ ରହିଛି, ଯେଉଁଠାରେ ପ୍ରାଚ୍ୟ ଭୂଖଣ୍ଡର ସର୍ବଶ୍ରେଷ୍ଠ ଆୟୁର୍ବେଦ ଏବଂ ଅଷ୍ଟିଓପ୍ୟାଥି ଚିକିତ୍ସା ଉପଲବ୍ଧ ଅଛି। ଏଥିସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପ୍ରଦର୍ଶନ କଳାରେ ସ୍ନାତକ (ବିପିଏ) ପାଠ୍ୟକ୍ରମ ଉପଲବ୍ଧ ରହିଛି। ବିଦ୍ୟାର୍ଥୀମାନେ ଏହି ପାଠ୍ୟକ୍ରମ ଅନ୍ତର୍ଗତ ଓଡ଼ିଶୀ ନୃତ୍ୟ, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ ଆଦି ଶିକ୍ଷାଲାଭ କରି ପାରୁଛନ୍ତି। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ୟମାନଙ୍କଠାରୁ ଅଗ୍ରଣୀ ବୋଲି କେବଳ କଥାରେ ବିଶ୍ୱାସ କରେନାହିଁ, ବସ୍ତୁତଃ ଏଠାରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀମାନଙ୍କ ସଫଳତା ହିଁ ସେକଥାକୁ ବ୍ୟାଖ୍ୟା କରିଥାଏ। ଏଠାରେ ଅଧ୍ୟୟନ କରିବା ସମୟରୁ ହିଁ 'ପରିସର ମନୋନୟନ' ଜରିଆରେ ବଡ଼ ବଡ଼ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଯଥା- ଆକ୍ସିସ୍ ବ୍ୟାଙ୍କ, ଡାବର, ହେରାଇଟି, ଫୋନ୍-ପେ, ବର୍ଜର ପେଣ୍ଟ, ପଲିସୀ ବାଜାର, ଫ୍ଲିପ୍ କାର୍ଟ,କେପିଏମଜି, ଡେଲଏଟ୍, ପିଡିଲାଇଟ୍, ବ୍ୟାଙ୍କ ଅଫ୍ ଆମେରିକା ଏବଂ ଆହୁରି ଅନେକ ପ୍ରମୁଖ କମ୍ପାନୀ ଉଚ୍ଚ ବେତନରେ ନିଯୁକ୍ତି ସୁଯୋଗ ପ୍ରଦାନ କରିଛନ୍ତି, ଯାହା ବିଶ୍ୱବିଦ୍ୟାଳୟର ମାନକୁ ବହୁଗୁଣିତ କରିଛି।

ଯଥାର୍ଥରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାଲାଭ କରିବା ପରଠାରୁ ଆଜିପର୍ଯ୍ୟନ୍ତ ବିଦ୍ୟାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସାଙ୍ଗକୁ ସେମାନଙ୍କ ଭବିଷ୍ୟତ ଜୀବନକୁ ସୁସଂଗଠିତ କରି ଗଢ଼ି ତୋଳିବାରେ ଆଦୌ ହେଳା କରିନାହିଁ। ସେଇଥିପାଇଁ ତ' ଦିନ ବିତିବା ସାଙ୍ଗକୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସୁଗନ୍ଧ ରାଜ୍ୟ ଓ ଦେଶର ସୀମା ଡେଇଁ ବିଦେଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇପାରିଛି।

ଶ୍ରୀ ଶ୍ରୀ ବିଶ୍ୱବିଦାଳୟ ସମ୍ପର୍କରେ ଅଧିକ ଜାଣିବା ପାଇଁ ଏହି ନମ୍ବରରେ ଯୋଗାଯୋଗ କରନ୍ତୁ।
ଫୋନ୍- ୭୮ ୯୪୨୪୫୬୨
ADVT

## ଅଭିଯୋଗ ପରେ ମଧ୍ୟ ସ୍ଥାନାନ୍ତର ହେଉନି ବିଦ୍ୟୁତ୍ ତାର



**ଶଗଡ଼ା, ୭ ।୧୨(ସମିସ):** ସରକାର ବିପଦମୁକ୍ତ ବିଦ୍ୟୁତ ଯୋଗାଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଥିବା ବେଳେ ଏଥି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ଅନେକ ସମୟରେ ବିଦ୍ୟୁତ ଜନିତ ଦୁର୍ଘଟଣା ଘଟିବା ସହ ଅନେକ ଧନଜୀବନ ହାନି ହେଉଥିବାର ନଜିର ରହିଛି। ଏଭଳି ଏକ ବିଭାଗୀୟ ଅବହେଳାର ଚିତ୍ର ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ ଡୁମୁରିମୁଣ୍ଡା ଗ୍ରାମରେ। ଏହି ଗାଁର ମୁକ୍ତେଶ୍ୱର ପ୍ରଧାନଙ୍କ ଛାତ ଉପରେ ବିଦ୍ୟୁତ୍ ତାର କମ୍ ଉଚତାରେ ଯାଇଛି। ଏହା ଫଳରେ ଛାତ ଉପରେ ଘର ତିଆରି କରିବା ଓ ଛାତରେ ଚଳପ୍ରଚଳ ଅସୁବିଧା ହେଉଛି। ଏହି ତାରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ମୁକ୍ତେଶ୍ୱର ଅନେକ ଥର ବିଭାଗୀୟ କର୍ମଚାରୀଙ୍କଠାରୁ ଆରମ୍ଭ କରି ଅଧିକାରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କଲେଣି; ହେଲେ କେହି ଶୁଣୁ ନ ଥିବା ସେ କହିଛନ୍ତି।



ମହାବୀର ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପରିଚାଳିତ ମହାରାଜ ପ୍ରତାପ କେଶରୀ ଦେଓ ଘୁମୁରା ଏକାଡେମୀ କଳାକାରଙ୍କ ଅନ୍ତର୍ଜାତୀୟ ଗୀତାଜୟନ୍ତୀ ଉତ୍ସବରେ ଯୋଗଦେବାକୁ ହରିୟାଣା କୁରୁକ୍ଷେତ୍ର ଯାତ୍ରା...

## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

**ବୌଦ୍ଧ, ୭ ।୧୨(ସମିସ):** ବୌଦ୍ଧ କଚେରୀ ପଡ଼ିଆରେ ଜିଲ୍ଲା କୃଷି ବିଭାଗ ତରଫରୁ ଆୟୋଜିତ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବରେ ବୌଦ୍ଧ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ ଯୋଗ ଦେଇଥିଲେ। ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରୁଦ୍ରଦେବ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଗତ ୩ ତାରିଖ ଠାରୁ ଆରମ୍ଭ ହୋଇଥିବା ଉକ୍ତ କୃଷି ଯନ୍ତ୍ରପାତି ମେଳାରେ ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶନ ଓ ରିହାତି ଦରରେ ବିକ୍ରି ବ୍ୟବସ୍ଥା କରାଯାଇଥିଲା।



**୧ କୋଟି ୭୨ ଲକ୍ଷ ଟଙ୍କା ବ୍ୟବସାୟ**

ଏହି ମେଳାରେ ୧ କୋଟି ୭୨ ଲକ୍ଷ ଟଙ୍କାର କୃଷି ଯନ୍ତ୍ରପାତି ବ୍ୟବସାୟ ହୋଇଛି। କୃଷି କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଦୁର୍ଦ୍ଦିନରେ ତରେ ଚିନ୍ଦାଙ୍କ ପରିବାର

**ସିନାପାଲି, ୭।୧୨(ସମିସ)**

**ମିଳିନି ସରକାରୀ ସହାୟତା**





ସରକାର ଗରିବ, ଅସହାୟ ଲୋକମାନଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଅନେକ ଯୋଜନାରୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ବଣପାହାଡ଼ ଘେରା ଦୁର୍ଗମ ଘାଟମାଳ ପଞ୍ଚାୟତର ଚିତାରମା ଗ୍ରାମରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଏହି ଗ୍ରାମରେ ବସବାସ କରୁଥିବା ତରେ ଚିନ୍ଦା (୫୨)ଙ୍କ ପରିବାର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ପରିବାର କହିଲେ ପୁଅ ବୁଧନ ଚିନ୍ଦା (୧୨), ଭାଗିରଥି ଚିନ୍ଦା (୧୦), ହସିନ ଚିନ୍ଦା (୮) ଓ ସାନ ଝିଅ ଧନମତି ଚିନ୍ଦା (୬)। ଗତ ୩ ବର୍ଷ ତଳେ ତରେଙ୍କ ସ୍ୱାମୀ ଜୟ ସିଂ ଚିନ୍ଦା ଅଜଣା ରୋଗରେ ଆରପାରିକୁ ଚାଲିଗଲେ। ସ୍ୱାମୀଙ୍କୁ ଭଲ କରିବା ପାଇଁ ଅନେକ ଚେଷ୍ଟା କରି ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ବିଫଳ ହେବା ସହ ତାଙ୍କର ପରଲୋକ ଘଟିଥିଲା। ଏବେ ଆମେ ଅସହାୟ ଓ ନିରୁପାୟ ହୋଇପଡ଼ିଛୁ ବୋଲି ତରେ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ଏମାନଙ୍କ ପାଖରେ ସମ୍ପତ୍ତି ବାଡ଼ି କିଛି ନାହିଁ। ନାମକୁ ମାତ୍ର ଜଙ୍ଗଲ ଜମିରେ ପଲିଥିନ ଓ ନଡ଼ା ଘର ଖଣ୍ଡେ ତୋଳି କୁଡ଼ିଆରେ ଆଶ୍ରୟ ନେଉଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ଆବାସ ଯୋଜନାରେ ସାମିଲ ହୋଇପାରି ନାହାନ୍ତି। ଏପରିକି ସ୍ୱାମୀଙ୍କ ମୃତ୍ୟୁର ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଧବା ଭତ୍ତା ମଧ୍ୟ ମିଳିପାରି ନାହିଁ। ଏପରିକି ଖାଦ୍ୟ ସୁରକ୍ଷା ଯୋଜନାରେ ମଧ୍ୟ ସାମିଲ ହୋଇ ପାରିନାହାନ୍ତି। ଫଳରେ ବହୁ କଷ୍ଟରେ ପରିବାର ପ୍ରତିପୋଷଣ ଚିନ୍ତାରେ ଅହରହ ସଂଗ୍ରାମ କରୁଥିବା ବେଳେ ପ୍ରଶାସନ ତରଫରୁ କୌଣସି ସହଯୋଗ ମିଳି ପାରିନି। ଏହି ସମସ୍ୟାକୁ ନେଇ ପରିବାର ତରଫରୁ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ମତପ୍ରକାଶ କରିଛନ୍ତି। ଏଦିଗରେ ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ତରଭାରେ ବ୍ଲକସ୍ତରୀୟ ଶିଶୁଉତ୍ସବ

**ତରଭା, ୭।୧୨(ସମିସ):** ତରଭା ବ୍ଲକ ଅଧୀନ କୁମ୍ଭାରମୁଣ୍ଡା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ତରଭା ଶାଖା ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟ କୁମାର ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର, କୁମ୍ଭାରମୁଣ୍ଡା ସିଆରସିସି ସାରଙ୍ଗ ପଧାନ, ବ୍ଲକ ଓଷ୍ଟା ସମ୍ପାଦକ ବିଜୟ କୁମାର ପଣ୍ଡା, କୁମ୍ଭାରମୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବାଶିଷ ମହାକୁର ପ୍ରମୁଖ ସମ୍ମାନିତ ଅତିଥିରୂପେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ ଜୟ କୁମାର ସାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ରୂପେ ତରଭା ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ମିଶ୍ର, ମୁଖ୍ୟ ବକ୍ତାରୂପେ ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅମୀୟ କୁମାର ମହାନ୍ତି, ସମ୍ମାନିତ ଅତିଥିରୂପେ ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି, ସୋନପୁର ବ୍ଲକ ଓଷ୍ଟା ସମ୍ପାଦକ ସଂଗ୍ରାମ ମିଶ୍ର, ତରଭା ସମ୍ପାଦକ ବିଜୟ କୁମାର ପଣ୍ଡା, ଏନଏସିସି ଆରସିସି ଜୟନ୍ତ ମେହେର ପ୍ରମୁଖ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାରେ ଓଷ୍ଟାର ଏହି କାର୍ଯ୍ୟକ୍ରମକୁ ଅତିଥିଗଣ ପ୍ରଶଂସା କରିଥିଲେ। ଶିକ୍ଷକ ନୀଳକଣ୍ଠ ବଗର୍ତ୍ତି ମଞ୍ଚ ପରିଚାଳନା କରିଥିଲାବେଳେ ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଚାରକଭାବେ ଶିକ୍ଷକ ବ୍ରଜ କିଶୋର ଷାଣ୍ଢ, ରାକେଶ କୁମାର ପଟ୍ଟନାୟକ, ନାରାୟଣ ପ୍ରସାଦ ପୂଜାହାରି, ବିଦ୍ୟୁତ ପ୍ରଭା ମାଝି, ରଶ୍ମିରଞ୍ଜନ ବିଶ୍ୱାଳ, ବାସୁଦେବ ନନ୍ଦ, ପ୍ରମୋଦ କୁମାର ମେହେର, ଅଶୋକ କୁମାର ସାହୁ, ଶଶାଙ୍କ ଶେଖର ମହାକୁର, ଯୁସ୍ମିତା ଉତ୍ତର କବାଟ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତି ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିବା ପିଲାମାନେ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବରେ ଯୋଗଦେବେ ବୋଲି ବ୍ଲକ ସମ୍ପାଦକ ବିଜୟ କୁମାର ପଣ୍ଡା ସୂଚନା ଦେଇଛନ୍ତି।



















ଭବାନୀପାଟଣା ଟାଉନହଲ୍‌ରେ ସଙ୍ଗମ ଅନୁଷ୍ଠାନ ତରଫରୁ ଏକାଦଶ ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ମହୋତ୍ସବର ଝଲକ...

## ମନମୁଣ୍ଡାରେ ନୂଆ ଥାନା ଅଧିକାରୀ



**ଶଗଡ଼ା, ୭ ।୧୨(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନାରେ ନୂତନ ଥାନା ଅଧିକାରୀ ଭାବରେ ଇନ୍ସପେକ୍ଟର ତରୁଣ ତପନ ବେହେରା ଯୋଗ ଦେଇଛନ୍ତି। ଏଠାରେ ଥିବା ଥାନା ଅଧିକାରୀ ରାମକୁମାର ମୁର୍ମୁଙ୍କୁ ବୌଦ୍ଧ ବଦଳି କରାଯାଇଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ଶ୍ରୀ ବେହେରାଙ୍କୁ ମନମୁଣ୍ଡା ଥାନାକୁ ବଦଳି କରାଯାଇଛି। ମନମୁଣ୍ଡାରେ ବ୍ୟାପକ ଗଞ୍ଜେଇ କାରବାର, ଚୋରି, ଡକାୟତି, ରାହାଜାନୀ ଆଦି ଅନେକ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଶ୍ରୀ ବେହେରାଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଛି।

## କୁମ୍ଭାର ସମ୍ପ୍ରଦାୟର କୁରାଲ ପୂଜା

**କଲମପୁର, ୭ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଧୀନ ବ୍ରାହ୍ମଣ କେନ୍ଦୁଗୁଡା ଗ୍ରାମରେ କୁମ୍ଭାର ସମ୍ପ୍ରଦାୟ କୁରାଲ ପୂଜା କରିଛନ୍ତି। ଏଥିରେ ଯୁଧିଷ୍ଠିର ରଣା ଓ ତାଙ୍କର ପତ୍ନୀ ନଳିନୀ ରଣା କର୍ତ୍ତା ଥିଲେ। ଅକ୍ଷୟ ଠାକୁର ପୂଜା ପାଠ କରୁଛନ୍ତି। ପୂଜା କମିଟି ସଭାପତି କହ୍ନେଇ ରଣା, କ୍ଷୀରସିନ୍ଧୁ ରଣା, ସାଧାରଣ ସମ୍ପାଦକ ଗଜାନନ ରଣା, ଦିଲ୍ଲୀପ ରଣା, କୋଷାଧ୍ୟକ୍ଷ କମ୍ବୁ ରଣା, କ୍ଷୀରୋଦ ରଣା, ଭୁବନେଶ୍ୱର ରଣା, ନକୁଳ ରଣା, ଚନ୍ଦ୍ରଶେଖର ରଣା, ଚୈତନ୍ୟ ରଣା ପ୍ରମୁଖ ସହଯୋଗ କରିଥିଲେ।

## ବାରପାହାଡ଼ ମହୋତ୍ସବ ପାଇଁ କଂସବରଣ

**ତରଭା, ୭।୧୨(ସମିସ):** ତରଭା ବ୍ଲକ ଅଧୀନ ଦେଉଳପଦର, ପାଇକବହାଲ, ମେଣ୍ଡା, ପଞ୍ଚାୟତର ସମସ୍ତ ଗ୍ରାମବାସୀଙ୍କ ଉଦ୍ୟମରେ ହେଉଥିବା ବାରପାହାଡ଼ ମହୋତ୍ସବରେ ଧନୁଯାତ୍ରା କରିବା ପାଇଁ ସ୍ଥିରୀକୃତ ହୋଇଛି। ଆସନ୍ତା ଜାନୁଆରୀ ୨ରୁ ୮ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୭ ଦିନ ବ୍ୟାପି ଧନୁଯାତ୍ରା ହେବ। ଏହି ଅବସରରେ ବଲାଙ୍ଗିର ଜିଲ୍ଲା ଫଟକରାର ରଙ୍ଗିଲା ମହାରାଜ ଅନିଲ କୁମାର ନାଏକଙ୍କୁ କଂସ ଭୂମିକାରେ ଅଭିନୟ କରିବା ପାଇଁ ବରଣ କାରାଯାଇଛି। ଏହି ମହୋତ୍ସବରେ ମିନାବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ହେବାକୁ ସ୍ଥିରିକୃତ ହୋଇଛି। କଂସବରଣ ସମୟରେ କମିଟିର ସଭାପତି ଚିତ୍ତରଞ୍ଜନ ସା, ଉପସଭାପତି ଭାଗିରଥି ସାହୁ, ସମ୍ପାଦକ ବୈବସ୍ୱତ କମ୍ପ, ପିତାମ୍ବର ଦାସ, ରାମଚନ୍ଦ୍ର ପୂଜାହାରି ଓ ଶିବଶଙ୍କର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

### ଏମ୍ଆଇଏଲ୍ ସର୍ବଭାରତୀୟ ହକି ଟୁର୍ଣ୍ଣାମେଣ୍ଟ

# ଖମାରିଆକୁ ହରାଇ ଆର୍ଭାନକାଡୁ ବିଜୟୀ

**ସଇଁତଲା, ୭ ।୧୨(ସମିସ)**




ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଅନ୍ତର୍ଗତ ବଡ଼ମାଳ ଗୋଳାବାରୁଦ କାରଖାନା ପରିସରସର ସ୍ପୋର୍ଟସ ଷ୍ଟାଡ଼ିୟମରେ ମ୍ୟୁନିସନ ଇଣ୍ଡିଆ ଲିମିଟେଡ଼ (ଏମଆଇଏଲ) ତରଫରୁ ଚାଲିଥିବା ସର୍ବଭାରତୀୟ ହକି ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ୭ ଟି ଆୟୁଧ ନିର୍ମାଣୀର ହକି ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ କୋର୍ବାଇଟ ଫ୍ୟାକ୍ଟ୍ରି ଆର୍ଭାନକାଡୁ ଓ ଜବଲପୁରର ଅଡିନାନ୍ସ ଫ୍ୟାକ୍ଟ୍ରି ଖମାରିଆ ମଧ୍ୟରେ ହୋଇଥିଲା। ଆର୍ଭାନକାଡୁ ୨-୧ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥବା ବେଳେ ଖମାରିଆ ରନର୍ସଅପ ହୋଇଥଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ପୂର୍ବତନ ମହିଳା ହକି ଖେଳାଳି ଏଗ୍ନେସିଆ ଲୁଗୁନ ମୁଖ୍ୟଅତିଥ, କାରଖାନାର ମୁଖ୍ୟ ମହାପ୍ରବନ୍ଧକ ପ୍ରଦୀପ କୁମାର ଦାଶ, ମହାପ୍ରବନ୍ଧକ ପିଏଲଭି ଶେଖର. ବରିଷ୍ଠ ଗୁଣବତ୍ତା ଆଶ୍ୱାସନା ଅଧିକାରୀ କର୍ନେଲ ଅମିତାଭ ରାଠୀ ସମ୍ମାନିତ ଅତିଥିଭାବରେ ଯୋଗଦେଇ ବିଜେତା ଓ ଉପବିଜେତାଙ୍କୁ ପୁରସ୍କୃତ କରିଥିଲେ। ମ୍ୟାନ ଅଫ ଦି ଫାଇନାଲ ଭାବରେ ଫ୍ରାନ୍‌ସିସ ଜୋଜୋ, ବେଷ୍ଟ ମିଡ୍ ଫିଲ୍ଡର ଏସ ଜନ୍ନନ, ବେଷ୍ଟ ଡ଼ିଫେନ୍ଦର ଇଗ୍ନୋସିସ କୁଜୁର, ବେଷ୍ଟ ଗୋଲ କିପର ଶେଖ ଜାଭେଦ, ବେଷ୍ଟ ଗୋଲ କିପର ସି.ଜୟରାଜ ଏବଂ ମ୍ୟାନ ଅଫ ଦି ଚାମ୍ପିଅନସିପ ଭାବରେ ରୋଶନ ଟେଟେ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ବଲାଙ୍ଗିର କରାଟେ ସ୍କୁଲର ଛାତ୍ରୀ ତମନ୍ନା ମେହେରଙ୍ଗ ଭବିଷ୍ୟତ ଗଠନ ପାଇଁ ସିଏସଆର ପାଣ୍ଠିରୁ ତିନି ଲକ୍ଷ ଆଠ ହଜାର ଟଙ୍କାର ସହାୟତା ରାଶି ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ଦାଶ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ ଯେ, ଛାତ୍ରୀ ତମନ୍ନା ମେହେର ଗତ ମାସରେ ଦକ୍ଷିଣ ଆଫ୍ରିକା ଡୁରବାନଠାରେ ଆୟୋଜିତ କମନୱେଲଥ କରାଟେ ଚାମ୍ପିଅନସିପରେ ବ୍ରୋଞ୍ଜ ମେଡାଲ ବିଜୟୀ ହୋଇଥିଲେ। କାର୍ଯ୍ୟକ୍ରମକୁ କାରଖାନାର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିଲିପ ପଟ୍ଟନାୟକ ପରିଚାଳନା କରିଥିବାବେଳେ ଖେଳ ଅଧିକାରୀ ଜପିଲ କୁମାର ଖାଲକୋ, ସମ୍ପାଦକ ରାଜେସ ଓରାମ, ଅଜିତ କୁମାର ମିଶ୍ର, ରାମକ୍ରିଷ୍ଣା ବୋଷ, ଜ୍ୟୋତିର୍ମୟ ପୂଝାରୀ, ମନୋଜ ପଟ୍ଟନାୟକ, ପ୍ରକାଶ ଶର୍ମା, ଦେବାଶିଷ ସାହୁ, ପ୍ରଦୀପ କୁମାର କର, ଜୟ ସିଂ ନାଏକ, ଶତଦଳ ବେହେରା, ସୌମ୍ୟ ରଞ୍ଜନ ସାହୁ, ଅଶ୍ୱିନୀ ପାଢ଼ୀ, ସୁବଳ ତାଣ୍ଡି, ଆଜାଦ ପରେଟା, ଗୋପାଳ ଗିରି, କିରଣ ତ୍ରିପାଠୀ, ସୁଧର ଥାଟିଙ୍ଗ ସମେତ ଜେସିଏମ, କାର୍ଯ୍ୟସମିତି, ୟୁନିୟନ ଏବଂ ଆସୋସିଏସନର କର୍ମକର୍ତ୍ତା ସହଯୋଗ କରିଥିଲେ।

## ପ୍ରୟୋଗ ତାଲିମ ଉଦ୍‌ଯାପିତ




**ତୁରେକେଲା, ୭ ।୧୨(ସମିସ):** ତୁରେକେଲା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ପ୍ରୟୋଗ ତାଲିମ କାର୍ଯ୍ୟକ୍ରମ ୫ ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢ଼ିହାରୀଙ୍କ ତତ୍ତ୍ୱାବଧାନରେ ତୁରେକେଲା ଉଚ୍ଚ ବିଦ୍ୟାଳୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶି ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଓ ଆଦ୍ୟ ଶୈଶବର ଯତ୍ନ ଓ ଶିକ୍ଷା ଉପରେ ସାଧନକର୍ମୀ ବିରଞ୍ଚି ନାରାୟଣ ଦାଶ, ଗଜୟ କୁମାର ଦାଶ, ଗଜିନ୍ଦ୍ର ହରିଜନ ଓ ଅମରକାନ୍ତ ବେହେରା ତାଲିମ ପ୍ରଦାନ କରିଥିଲେ। ଏହି ତାଲିମରେ ପଚାଶରୁ ଉର୍ଦ୍ଧ୍ୱ ଶିକ୍ଷକଶିକ୍ଷୟିତ୍ରୀ ଯଥା ରଜନୀ ମେହେର, ଯଶୋବନ୍ତୀ ପୁଟେଲ, ଜ୍ୟୋସ୍ନା ମେହେର, କୌଶଲ୍ୟା ମାଝୀ, ସନ୍ତୋଷିନୀ ନାଏଖ, ସ୍ମିତି ପ୍ରଜ୍ଞା ସ୍ୱାଇଁ, ଶିକ୍ଷକ ହୃଦାନନ୍ଦ କୁମ୍ଭାର, ବବୃ ନାୟକ, ରାଜୀବ ଦାସ, ବୃନ୍ଦାବନ ଭୋଇ, ସୁନୀଲ ରଞ୍ଜନ ସଲତାର, ଅର୍ଜୁନ ମାଝୀ, ଭବାନୀ ବେହେରା ଆଦି ଯୋଗ ଦେଇଥିଲେ। ସେହିପରି କଣ୍ଟାବାଞ୍ଜି ବାଳକ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଧନକର୍ମୀ ମମତା ପଣ୍ଡା, ଅଞ୍ଜଳି ମାଝୀ, ଅମରେନ୍ଦ୍ର ବାଗ ଓ ଅନୁପ କୁମାର ଦାସ ତିନିଦିନ ଧରି ମୌଖିକ ଭାଷାର ର ବିକାଶ, ଡିକୋଡ଼ିଂ, ପଠନ, ଲିଖନ ଉପରେ ତାଲିମ ପ୍ରଦାନ କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଧରିତ୍ରୀ ମେହେର, ଅଞ୍ଜଳି ନାଏକ, ଶୋଭାଗିନି ତ୍ରିପାଠୀ, କବିତା ରାଏ, ଉମାକାନ୍ତୀ ସରାଫ, ଗଙ୍ଗଦେଇ ଧରୁଆ, ବିମଳ ଧରୁଆ, ବିକାଶ ବର୍ଗେ, ପ୍ରଶାନ୍ତ ମହାପାତ୍ର, ଶ୍ରୁଶାନ୍ତ ମହାପାତ୍ର, ବିବେକାନନ୍ଦ ରାଏ, ପ୍ରମୋଦ ମାଝୀ, ଶିବାନନ୍ଦ ମାଝୀ ଆଦି ଯୋଗ ଦେଇଥିଲେ।

### ପ୍ରମୁଖ ଶାସନ ସଚିବଙ୍କ ଧାନକ୍ରୟ ସମୀକ୍ଷା

# ଡିସେମ୍ବର ସୁଦ୍ଧା ରାସନ କାର୍ଡ ଇ-କେୱାଇସି ଅପଡେସନ



**ବୌଦ୍ଧ, ୭ ।୧୨(ସମିସ):** ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହ ଶନିବାର ଅପରାହ୍ନରେ ବୌଦ୍ଧ ସର୍କିଟ ହାଉସରେ ଧାନ କ୍ରୟ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ବନ୍ଧରେ ସମୀକ୍ଷା କରିଛନ୍ତି । ଶ୍ରୀ ସିଂହଙ୍କ ଅଧ୍ୟକ୍ଷତାରେ ଧାନ କ୍ରୟ, ଧାନ ବଣ୍ଟନ ଏବଂ ଧାନ କ୍ରୟର ସଫଳତା, ଚାଉଳ ଅନୁଯାୟୀ ବଣ୍ଟନ କରାଯାଇଥିବା ଲକ୍ଷ୍ୟ, ସାଧାରଣ ବଣ୍ଟନ ବ୍ୟବସ୍ଥା ଆଦି ବିଷୟକୁ ନେଇ ଏକ ସମୀକ୍ଷା ବୈଠକ ହୋଇଥିଲା । ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପଧାନ, ଉପ-ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ଅତିରିକ୍ତ ଯୋଗାଣ ଅଧିକାରୀ ଜାନକୀ ବଲ୍ଲଭ ହାବଡାସିଂହ ଏବଂ ସହକାରୀ ଯୋଗାଣ ଅଧିକାରୀ ପ୍ରିୟ ରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ରହି ଏହି ସଂକ୍ରାନ୍ତରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଧାନ କ୍ରୟ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ଉପରେ ନଜର ରଖିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଏବଂ ଉପ-ଜିଲ୍ଲାପାଳଙ୍କ ନେତୃତ୍ୱରେ ଜିଲ୍ଲାସ୍ତରୀୟ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯିବା ନେଇ ଶ୍ରୀ ସିଂହ ମତ ବ୍ୟକ୍ତ କରିଥିଲେ । ରାସନ କାର୍ଡରେ ଇ କେୱାଇସି ଅପଡେସନ ଡିସେମ୍ବର ଶେଷ ସୁଦ୍ଧା ସାରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୂଚନା ମୁତାବକ ଧାନକ୍ରୟ ପାଇଁ ପ୍ରତ୍ୟେକ ମଣ୍ଡିରେ ସମସ୍ତ ଆବଶ୍ୟକ ଉପକରଣ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ବୌଦ୍ଧ ଜିଲ୍ଲାରେ ଧାନ କ୍ରୟ ୨ଟି ପର୍ଯ୍ୟାୟରେ ହେବ । ଡିସେମ୍ବର ୧୭ ତାରିଖରୁ କଣ୍ଟାମାଳ ବ୍ଲକରେ ଏବଂ ୨୪ ତାରିଖରୁ ହରଭଙ୍ଗା ବ୍ଲକ, ବୌଦ୍ଧ ବ୍ଲକ ଏବଂ ବୌଦ୍ଧ ଏନଏସିରେ ଆରମ୍ଭ ହେବ ।

## ୬ ଦିନ ପରେ ଫକୀର ବାବାଙ୍କ ଉର୍ସ ଉତ୍ସବ

**ତରଭା, ୭।୧୨(ସମିସ):** ଭାଇଚାରାର ପର୍ବ ତରଭାର ଉର୍ସ ଉତ୍ସବକୁ ଆଉ ୬ ଦିନ ରହିଲା । ଡିସେମ୍ବର ୧୪ ଓ ୧୫ ତାରିଖ ଦୁଇଦିନ ଧରି ପାଳିତ ହେବାକୁ ଥିବା ଏହି ଉତ୍ସବ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି । ଦେଶ ବିଦେଶରୁ ଆସୁଥିବା ଭକ୍ତଙ୍କ ରହିବା, ଖାଇବା ବ୍ୟବସ୍ଥା ସହ ସ୍ୱାସ୍ଥ୍ୟସେବା, ଟ୍ରାଫିକ, ପାର୍କିଂ, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ଓ ମସଜିଦ ମଜାର କମିଟି ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଶୁକ୍ରବାର ସୋନପୁର ଜିଲ୍ଲାପାଳ ଅନ୍ୟା ଦାସ ତରଭା ବ୍ଲକ ସଭାଗୃହରେ ଆୟୋଜିତ ଶାନ୍ତି କମିଟି ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଫିସରଙ୍କୁ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉର୍ସ ସମୟରେ ଆସୁଥିବା ଭକ୍ତ ଓ ପୁଲିସ କର୍ମଚାରୀଙ୍କ ରହିବା ସକାଶେ ମସଜିଦ ପରିସରରେ ଥିବା ୪ ଟି ମୁସଫିରଖାନା, ୨୫ଟି କ୍ୱାଟର ସମେତ ଦାତାରାମ ଧର୍ମଶାଳା, ବ୍ଲକ ପ୍ରାଇମେରୀ ସ୍କୁଲ, ଅନ୍ତରଡା ପ୍ରାଇମେରୀ ସ୍କୁଲ, ବାଳିକା ଓ ବାଳକ ହାଇସ୍କୁଲରେ ବ୍ୟବସ୍ଥା ହେଉଛି । ମସଜିଦ ପରିସରରେ ସମସ୍ତଙ୍କ ସକାଶେ ଲଙ୍ଗରର ଆୟୋଜନ ହେଉଥିବାବେଳେ ସ୍ୱାସ୍ଥ୍ୟସେବା କେନ୍ଦ୍ର, ପୁଲିସ ଓ ଦମକଳ ବିଭାଗ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଷ୍ଟାଣ୍ଡ ନିର୍ମାଣ ହେଉଛି ବୋଲି ସୂଚନା ମିଳିଛି ।

## ଅନ୍ୟ ଜାତିରେ ବିବାହରୁ ମିଳିଲାନି କାନ୍ଧ

- ଶବ ଛୁଇଁଲେନି ଗ୍ରାମବାସୀ, ପରିବାର
- ଘଣ୍ଟା ଘଣ୍ଟା ଧରି ପଡ଼ିରହିଲା ଶବ
- ଶେଷରେ ସତ୍କାର କଲେ ସ୍ୱେଚ୍ଛାସେବୀ

**ମନମୁଣ୍ଡା, ୭ ।୧୨(ସମିସ):** ମଲା ପରେ ଶବ ଛୁଇଲେନି ଗ୍ରାମବାସୀ ଓ ପରିବାର ବର୍ଗ । ଅନ୍ୟ ଜାତିରେ ବିବାହ କରିଥିବାରୁ ମିଳିଲାନି ଚାରିକାନ୍ଧ । ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ବାଘମୁଣ୍ଡା ଗାଁରେ ଏଭଳି ଏକ ଘଟଣା ଘଟିଛି । ଶେଷରେ ସ୍ୱେଚ୍ଛାସେବୀ ଶବ ସତ୍କାର କରିଛନ୍ତି । ମୃତକ ହେଲେ ସତ ମାଝୀ (୫୫) । ସେ ଗାଁର ଜଟିଆ ମାଝୀଙ୍କୁ ବିବାହ କରିଥିଲେ । ତେବେ ସ୍ୱାମୀ ମରିବାର ୨୫ବର୍ଷ ହୋଇଗଲାଣି । ଅବିବାହିତ ଝିଅ ସାଧେ ସହ ରହୁଥିଲେ ସତ । ଶନିବାର ମଧ୍ୟାହ୍ନରେ ସତଙ୍କ ମୃତ୍ୟୁ ଥିଲା; ହେଲେ ସେ ଅନ୍ୟ ଜାତିର ବିବାହ କରିଥିବାରୁ କେହି ଶବ ଛୁଇଁ ନ ଥିଲେ । ଦୀର୍ଘ ୪ ଘଣ୍ଟାରୁ ଅଧିକ ସମୟ ଘରେ ଶବ ପଡ଼ି ରହିଥିଲା । ଶେଷରେ ପଲସାଗୋରା ଅଞ୍ଚଳର ଶିତିକଣ୍ଠ ମିଶ୍ର, ଅସୀମ ଅଭିଷେକ ପଣ୍ଡା, ଅଂଶୁମାନ କର୍ମୀ ପ୍ରମୁଖ ସନ୍ଧ୍ୟାରେ ଶବକୁ ନେଇ ଗାଁ ଶ୍ମଶାନରେ ସତ୍କାର କରିଥିଲେ ।

## ୩୯ ଏକରର ଗଞ୍ଜେଇ ଗଛ ନଷ୍ଟକଲା ଅବକାରୀ ବିଭାଗ



**ଶଗଡ଼ା, ୭ ।୧୨(ସମିସ):** ବରଗାଁ ପଞ୍ଚାୟତ କାଣୀସେମେଲ ଗ୍ରାମ୍ୟ ଜଙ୍ଗଲରୁ ୩୯ ଏକର ପରିମିତ ଜାଗାରେ ବେଆଇନ ଭାବରେ ଚାଷ ହୋଇଥିବା ୫୮ ହଜାର ୫ଶହ ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରାଯାଇଛି । ମନମୁଣ୍ଡା ଅବକାରୀ, କଣ୍ଟାମାଳ ପୁଲିସ, ଅବକାରୀ ମୋବାଇଲ ସ୍କ୍ୱାଡ୍, ଏପିଆର ଫୋର୍ସ ସହିତ ବନ ବିଭାଗ କର୍ମଚାରୀ ମିଳିତ ଚଢ଼ଉ କରିଥିଲେ ।

## ୧୨୯ କେଜି ଗଞ୍ଜେଇ ଜବତ

**ଶଗଡ଼ା, ୭ ।୧୨(ସମିସ):** ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି ଅଧୀନ ଖଣ୍ଡିକନପା ଗ୍ରାମ ନିକଟରୁ ମନମୁଣ୍ଡା ପୁଲିସ ୧୨୯ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ କିନ୍ତୁ କାହାରିକୁ ଗିରଫ କରିପାରିନି । ମାଫିଆ ଫେରାର ମାରିଛନ୍ତି । ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି ।



## ଜିଲ୍ଲାସ୍ତରୀୟ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ

**ସୋନପୁର, ୭।୧୨(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ନୂତନ ଜିଲ୍ଲା ସ୍ୱାସ୍ଥ୍ୟ ଚିକିତ୍ସାଳୟ ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ଟିବି ମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ ହୋଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ପ୍ରଦୀପ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ସଭାପତି ସୁପାର ଠେଲା ଏବଂ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ବଲାଙ୍ଗିର ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଶରତ ଚନ୍ଦ୍ର ଶତପଥୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଅଦାବର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧ୍ୟକ୍ଷ ଡା. ଦୁର୍ଗାଦତ୍ତ ଦାଶ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା. ଗୋପାଳ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡା. ପଦ୍ମହଂସ ଦୋରା, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ଡିପିଏମ ବିଶ୍ୱମ୍ବର ବେହେରା ପ୍ରମୁଖ ଯୋଗଦେଇ ଯକ୍ଷ୍ମା ରୋଗର ଲକ୍ଷଣ, ଚିହ୍ନଟ କରଣ ଏବଂ ନିରାକରଣ ନେଇ ଆଲୋକପାତ କରିଥିଲେ । ଅବସରରେ ୨ଟି ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା । ସଭାରେ ଆଶା, ଏଏନଏମ ଛାତ୍ରୀ, ନର୍ସିଂ ଅଫିସର, ସମସ୍ତ କନ୍ସଲଟାଣ୍ଟ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ, ସୁଧାଂଶୁ ନାୟକ, ବିକେ ସାଗରିକା, ସୋଭନା ଦାସ, ତରଣୀସେନ ପ୍ରଧାନ, ଗୀତାଞ୍ଜଳି ମେହେର, ଜ୍ଞାନଜିତ ଶତପଥୀ ପ୍ରମୁଖ ସମସ୍ତ କର୍ମକର୍ତ୍ତା ପୂର୍ଣ୍ଣ ସହଯୋଗ କରିଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିବାବେଳେ ଡିପିସି ଏନଟିଇପି ସମୀର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଟେକ୍ସଟାଇଲ୍ ମିଲ୍ ପ୍ରତିଷ୍ଠା ପ୍ରସଙ୍ଗ

# କେନ୍ଦ୍ରର ପ୍ରତିଶ୍ରୁତି ପାଳନ ହେବ କେବେ

**ସୋନପୁର, ୭।୧୨(ସମିସ):** ରାଜାରାଜୁଡ଼ା ସମୟରୁ ଶିଳ୍ପ କ୍ଷେତ୍ରରେ ସୋନପୁରର ଖୁବ୍ ପ୍ରସିଦ୍ଧି ରହିଛି । ଏଠାରେ ପ୍ରସ୍ତୁତ ବାନ୍ଧ ଶାଢ଼ୀର ଦେଶବିଦେଶରେ ଆଦର ରହିଛି । ନେତ୍ରୀଠୁ ଅଭିନେତ୍ରୀ ସମସ୍ତଙ୍କ ପସନ୍ଦ ସୋନପୁରୀ ବାନ୍ଧ ଶାଢ଼ୀ । ଏହାସତ୍ତ୍ୱେ ମଧ୍ୟ ସ୍ଥାନୀୟ ବୁଣାକାରଙ୍କ ସ୍ଥିତି ଏତେଟା ସ୍ୱଚ୍ଛଳ ନୁହେଁ । ଜିଲ୍ଲାରେ ପ୍ରବଳ ମାତ୍ରାରେ କପା ଉତ୍ପାଦନ ହେଉଛି । ତେବେ କପାରୁ ସୂତା ତିଆରି ପାଇଁ ବ୍ୟବସ୍ଥା ନ ଥିବାରୁ ବାଧହୋଇ ଚାଷୀମାନେ ଅନ୍ୟସ୍ଥାନକୁ କପା ପଠାଉଛନ୍ତି । ଗୁଣବତ୍ତା ସମ୍ପନ୍ନ ସୂତା ପ୍ରସ୍ତୁତିରେ ସୁନାମ ଅର୍ଜନ କରିଥିବା ସୋନପୁର ସୂତାକଳ ବି ବନ୍ଦ ହୋଇଗଲା । ତେବେ ଗତ ଏପ୍ରିଲ ୨୫ ତାରିଖରେ ସାଧାରଣ ନିର୍ବାଚନ ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏକ ଟେକ୍ସଟାଇଲ୍ ମିଲ୍ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଜିଲ୍ଲାରେ ବିପୁଳ ପରିମାଣରେ କପା ଚାଷ ହେଉଥିବାରୁ ଏହି ଟେକ୍ସଟାଇଲ୍ ମିଲ୍ କପା ଚାଷୀଙ୍କ ପାଇଁ ମଙ୍ଗଳଦାୟକ ହେବ ବୋଲି ସେ କହିଥିଲେ । ହେଲେ କେନ୍ଦ୍ର ସରକାର କେବେ ଏହି ପ୍ରତିଶ୍ରୁତି ପାଳନ କରିବେ ବୋଲି ସାଧାରଣରେ ପ୍ରଶ୍ନ ହୋଇଛି । କାରଣ ରାଜ୍ୟରେ ବିଜେପି ସରକାର ଗଠନ ହେବାର ୬ ମାସ ବିତି ଯାଇଥିଲେ ମଧ୍ୟ ଟେକ୍ସ ଟାଇଲ୍ ମିଲ୍ ପ୍ରତିଷ୍ଠା ପାଇଁ କୌଣସି ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇନାହିଁ । ସୋନପୁରରେ ଥିବା ଏକମାତ୍ର ଶିଳ୍ପ କାରଖାନା ସୂତାକଳ ବହୁ ଦିନ ହେଲା ବନ୍ଦ ହୋଇପଡ଼ିଛି । ପ୍ରାୟ ୧୫ଶହ ଜଣ ଶ୍ରମିକ ସୂତାକଳରେ କାମ କରୁଥିଲେ । ଟେକ୍ସଟାଇଲ୍ ମିଲ୍ ପ୍ରତିଷ୍ଠା ହେଲେ ସୋନପୁରର ପୂର୍ବ ଗୌରବ ଫେରି ପାରନ୍ତା ବୋଲି ଚର୍ଚ୍ଚା ହେଉଛି ।



## କାଦୋଦର କଲେଜରେ ଏଡ୍ସ ସଚେତନତା କାର୍ଯ୍ୟକ୍ରମ

**ସୁବଳୟା, ୭।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର କାଦୋଦରସ୍ଥିତ ମା' ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ୍‌କ୍ରସ ଓ ରେଡ୍ ରିବନ କ୍ଲବର ମିଳିତ ଆନୁକୂଲ୍ୟରେ ଏଡ୍ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ବଲ୍ଲଭ ପୁରୋହିତଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ ଅନୁଷ୍ଠାନର ସମ୍ପାଦକ ତଥା ଯୁବ ସମାଜସେବୀ ଚିତ୍ତରଞ୍ଜନ ପାଢ଼ୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ କଳାପଥର ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ କାଉନସିଲର ତଥା ଅଧ୍ୟାପକ କିଶୋର କୁମାର ସାହୁ ଯୋଗଦେଇଥିଲେ । ଯୁବ ରେଡ୍‌କ୍ରସ କାଉନସିଲର ତଥା ଅଧ୍ୟାପକ ଉଦ୍ଧବ ପଧାନ ସ୍ୱାଗତ ଭାଷଣ ଓ ଇଂରାଜୀ ଅଧ୍ୟାପକ ସୁଶାନ୍ତ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ । ଏଥିରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ ।



## ମୃତ ଡିଇଓଙ୍କ ପରିବାରକୁ ଆର୍ଥିକ ସହାୟତା



**ଶଗଡ଼ା, ୭ ।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପେକ୍ସର ଡାଟା ଏଣ୍ଟ୍ରି ଅପରେଟର ସ୍ୱର୍ଗତ ଅଜିତ ସାହୁଙ୍କ ପରିବାରକୁ ସଂଘ ସହଯୋଗ କରିଛି । ରାଜ୍ୟ ଡିଇଓ ସଂଘର ସଭାପତି ବଶିଷ୍ଠ ପାତ୍ର ସ୍ୱର୍ଗତ ସାହୁଙ୍କ ଘରେ ପହଞ୍ଚି ତାଙ୍କ ପତ୍ନୀଙ୍କୁ ସଂଘ ତରଫରୁ ୩୦ ହଜାରର ଏକ ଫିକ୍ସ ଡିପୋଜିଟ ସାର୍ଟିଫିକେଟ ପ୍ରଦାନ କରିଛନ୍ତି । ଶିମିଳିପଦର ପେକ୍ସର ସଭାପତି ସୁମନ୍ତ ମିଶ୍ର, ପେକ୍ସ ସମ୍ପାଦକ ଅମରେଶ ବାଘ ଏହି ସମୟରେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଶିମିଳପଦର ପେକ୍ସର ଚାଷୀଙ୍କ ଧାନ ପଞ୍ଜୀକରଣ ପାଇଁ ଡିଜିଟାଲ ସର୍ଭେ କାର୍ଯ୍ୟରେ ଶ୍ରୀ ସାହୁ ପେକ୍ସ କର୍ମଚାରୀଙ୍କ ସହ ସାମିଲ ହୋଇଥିଲେ । ଏହି ସମୟରେ ସେ ଅସୁସ୍ଥ ଅନୁଭବ କରିଥିଲେ ସୁଦ୍ଧା ସର୍ଭେ କରୁଥିଲେ । ସର୍ଭେ କାର୍ଯ୍ୟ ସରିବା ପରେ ଅଧିକ ଅସୁସ୍ଥ ହେବାରୁ ପ୍ରଥମେ ସୋନପୁର ଡାକ୍ତରଖାନାକୁ ଯାଇଥିଲେ । ସେଠାରୁ ତାଙ୍କୁ ବଲାଙ୍ଗୀର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହେବାରୁ ବରଗଡ଼ ର ଏକ ଘରୋଇ ଡାକ୍ତରଖାନାକୁ ନିଆ ଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା ।

## ବିପଦସଙ୍କୁଳ ଆବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ସୁବଳୟା, ୭।୧୨(ସମିସ):** ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ପଞ୍ଚାୟତ ଅଧୀନ ଦାଦରପାଲି ଗାଁ ସ୍କୁଲ ପାଖରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ଏହାର ଚତୁଃପାର୍ଶ୍ୱରେ ସୁରକ୍ଷାବାଡ଼ ନଥିବା ବେଳେ ବିପଦପୂର୍ଣ୍ଣ ଭାବରେ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଛି । ଏଠାକୁ ବିଭିନ୍ନ ସମୟରେ ଗାଈଗୋରୁ ଖାଦ୍ୟ ଅନ୍ୱେଷଣରେ ଆସି ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁମୁଖରେ ପଡ଼ିପାରନ୍ତି ବୋଲି ଅଭିଯୋଗ ହେଉଛି । ତେବେ ବିଦ୍ୟୁତ ଟ୍ରାନ୍ସଫର୍ମରର ତିନି ଫେଜ ଅତି ପାଖରେ ଥିବା ହେତୁ ବିପଦ ଆସିପାରେ ବୋଲି ମତପ୍ରକାଶ ପାଉଛି । ତାହା ଅତ୍ୟନ୍ତ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଦାଦରପାଲି ଗାଁ ଲୋକେ ଅଭିଯୋଗ କରିଛନ୍ତି । ପ୍ରଶାସନ ଓ ବିଭାଗୀୟ ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଇ ସମସ୍ୟାର ସୁଧାର ଆଣିବାକୁ ତଥା ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ବାଡ଼ଦେବାକୁ ଦାବି ହେଉଛି ।



### ମା' ମାହେଶ୍ୱରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସେମିରେ ବଡ଼ଖମାର ଟିମ୍

**ସୁବଳୟା/ବୀରମହାରାଜପୁର, ୭।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଭାଲିଆପଦର ଖେଳପଡ଼ିଆରେ ୧୧ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ମ୍ୟାଚରେ ଝାରକୁମୁଣ୍ଡା ଓ ନୁଆଁପାଲି ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଝାରକୁମୁଣ୍ଡା ଟିମ୍ ଅଧିକ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ । ଦ୍ୱିତୀୟ ପର୍ଯ୍ୟାୟ କେନ୍ଦୁପାଲି ଓ ବଡ଼ଖମାର ମଧ୍ୟରେ ଆୟୋଜିତ ହୋଇଥିଲା । ଏଥିରେ ବଡ଼ଖମାର ଟିମ୍ ସାମୂହିକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । କ୍ୱାଟର ଫାଇନାଲରେ ବଡ଼ଖମାର ଓ ଝାରକୁମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବଡ଼ଖମାର ଟିମ୍ ସେମିଫାଇନାଲକୁ ପ୍ରବେଶ କରିଥିଲା । ଉଦ୍‌ଘାଟନୀ ଉତ୍ସବରେ ସମାଜସେବୀ ନିରୋଦ ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ରାଜେଶ ମିଶ୍ର, ବିଜୟ ପ୍ରଧାନ, ରବି କର୍ଣ୍ଣ, ବାସୁଦେବ ହୋତା ଓ ପିତବାସ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ରାଜକୁମାର କର୍ଣ୍ଣ ଓ ଅରବିନ୍ଦ ଦେହୁରୀ ଖେଳ ପରିଚାଳନା କରିଥିଲେ । ଧୂମକେତୁ ମେହେର ଧାରାବିବରଣୀ ପ୍ରଦାନ କରିଥିବା ବେଳେ ରାହୁଲ ଚାନ୍ଦ ସ୍କୋର ଦାୟିତ୍ୱ ନିର୍ବାହ କରିଥିଲେ । କମିଟି ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ ।



## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବାର୍ଷିକ କ୍ରୀଡ଼ା



**ବୀରମହାରାଜପୁର/ସୁବଳୟା, ୭।୧୨(ସମିସ):** ବୀରମହାରାଜପୁର ବ୍ଲକ ଅଧୀନ ରାଣୀପୁରରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୧୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଡ. ପ୍ରଫୁଲ୍ଲ କୁମାର ରଥ ଯୋଗଦେଇଥିଲେ । ସମ୍ପାଦକ ତଥା ସାମ୍ବାଦିକ, ସାଇଟ୍ ବୀରମହାରାଜପୁର ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭାରେ ସମ୍ମାନିତ ଅତିଥି ଭାବରେ ଭଗବାନ ମିଶ୍ର, ନଳିନୀ ପଣ୍ଡା ଯୋଗଦେଇଥିଲେ । ଚାମ୍ପିଅନ ବରିଷ୍ଠ ବର୍ଗରେ ଆଦ୍ୟାଶା ନନ୍ଦ ଓ ଅନ୍ତର୍ଯ୍ୟାମୀ ନାୟକ, କନିଷ୍ଠ ବର୍ଗରେ ପଦ୍ମାଳୟା ଓ ବିକାଶ କୃତିତ୍ୱ ଲାଭ କରିଥିଲେ । ଖେଳ ପରିଚାଳନା କରିଥିଲେ ରୁଦ୍ରନାରାୟ ଦାଶ, ବସନ୍ତ ସାମଲ, କବି ଖମାରି । ରାଜେଶ ସାହୁ, ଲିପ୍ସା ଶଙ୍ଖୁଆ ଓ ଅର୍ଚ୍ଚିତା ପଣ୍ଡା ସହଯୋଗ କରିଥିଲେ ।

## ଧଳପୁର ହାଇସ୍କୁଲର କ୍ରୀଡ଼ା ଉତ୍ସବ

**ହରଭଙ୍ଗା, ୭ ।୧୨(ସମିସ):** ଧଳପୁରସ୍ଥିତ ହରଭଙ୍ଗା ବ୍ଲକ ରାଜେନ୍ଦ୍ର ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨ଦିନିଆଁ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ କୈଳାଶ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସୂର୍ଯ୍ୟନାରାୟଣ ମହାକୁଡ଼ ଯୋଗ ଦେଇଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବାବୁଲାଲ ଭୋକ୍ତାଙ୍କ ପରିଚାଳନାରେ ଅନ୍ୟମାନେ ସହଯୋଗ କରିଥିଲେ ।

## ବିଭିନ୍ନ ବିଦ୍ୟାଳୟରେ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

**ବୀରମହାରାଜପୁର, ୭।୧୨(ସମିସ):** ଆୟୁଷ୍ମାନ ଭାରତ ଯୋଜନାରେ ଉପଖଣ୍ଡ ଚିକିତ୍ସାଳୟ ତରଫରୁ ବୀରମହାରାଜପୁର ବ୍ଲକର ସୁବଳୟା ଉଚ୍ଚ ବିଦ୍ୟାଳୟ, ମୁର୍ଷୁଣ୍ଡୀ ଉଚ୍ଚ ବିଦ୍ୟାଳୟ ଏବଂ ବୀରମହାରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକଦିବସୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରତ୍ୟେକ ବିଦ୍ୟାଳୟର ୫୦ ଜଣ ଶିକ୍ଷକ ଲେଖାଏଁ ଯୋଗଦେଇ ଟ୍ରେନିଂ ନେଇଥିଲେ । ବୀରମହାରାଜପୁର ଉଚ୍ଚ ବିଦ୍ୟାଳୟରେ ଡା. ପ୍ରଣବ ମହାପାତ୍ର ଓ ବିପିଏମ୍ ମହେନ୍ଦ୍ର ମିଶ୍ର ଟ୍ରେନିଂ ଦେଇଥିବା ବେଳେ ସୁବଳୟାରେ ଡା. ବିଶ୍ୱନାଥ ରଥ ଓ ମୁର୍ଷୁଣ୍ଡୀରେ ଡା. ନିରୁପମା ମହାପାତ୍ର ଟ୍ରେନିଂ ପ୍ରଦାନ କରିଥିଲେ । ଆୟୁଷ୍ମାନ ସ୍ୱାସ୍ଥ୍ୟ ଯୋଜନାରେ ଉତ୍ତମ ସ୍ୱାସ୍ଥ୍ୟକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଏହି ଟ୍ରେନିଂର ଲକ୍ଷ୍ୟ । କାର୍ଯ୍ୟକ୍ରମ ମାଧ୍ୟମରେ ହୋମିଓପାଥିକ ଚିକିତ୍ସା, ଯୋଗାଭ୍ୟାସ ତଥା ଔଷଧୀୟ ବୃକ୍ଷର ଉପାଦେୟ ବିଷୟରେ ଅବଗତ କରାଯାଇଥିଲା ।

# ଜଳବାୟୁ ପରିବର୍ତ୍ତନ ଓ ମୃତ୍ତିକା ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ମାନ



**ସୁନ୍ଦରଗଡ଼,୭।୧୨(ସମିସ):** ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟଠାରେ ଜଳବାୟୁ ପରିବର୍ତ୍ତନ ଓ ମୃତ୍ତିକା ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କିତ ଏକ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରି ସାଂପ୍ରତିକ ପରିସ୍ଥିତିରେ ଏହି ଆଲୋଚନାର ଗୁରୁତ୍ୱ ସମ୍ପର୍କରେ କହିଥିଲେ । ବିଷୟ ବିଶେଷଜ୍ଞ ଭାବେ ସୁନ୍ଦରଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ମନୋଜ କୁମାର ଜେନା ଯୋଗଦେଇ ଜଳବାୟୁ ପରିବର୍ତ୍ତନ ପରିଭାଷା , ମୌସୁମୀ ବିଳମ୍ବରେ ଆସିବାର କାରଣ, ଓଡ଼ିଶାରେ ଜଳବାୟୁ ପରିବର୍ତ୍ତନ ଫଳରେ କୃଷି ଉତ୍ପାଦନ ଉପରେ ପ୍ରଭାବ, କୃଷିକ୍ଷେତ୍ରରେ ଜୈବିକ ଖତ ବ୍ୟବହାରର ଉପକାରିତା ଆଦି ବିଷୟରେ ପଙ୍କ୍ତାନୁପଙ୍କ୍ତ ଆଲୋଚନା କରିଥିଲେ। ସ୍ନାତକୋତର ପ୍ରଥମ ବର୍ଷର ଛାତ୍ରୀ ମଧୁଲିକା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ସରକାରୀ ପ୍ରଫେସର ଅଜିତ୍ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସରକାରୀ ପ୍ରଫେସର ଜ୍ୟୋତି ସାହୁ, ସରୋଜ କୁମାର ପୂଜାରୀ, ଡେଜି ଏକ୍କା, ସସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ଦାବିରେ କୃଷି ବିଜ୍ଞାନ କେନ୍ଦ୍ରରେ ନିରବ ପ୍ରତିବାଦ

ସୁନ୍ଦରଗଡ଼,୭।୧୨(ସମିସ)



ବିଭିନ୍ନ ଦାବି ନେଇ କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ଼-୧ର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆଇସିଏଆର ଦ୍ୱାରା କରାଯାଉଥିବା ବିଭିନ୍ନ ବୃତିଗତ ଅସମାନତାକୁ ସେମାନେ ବିରୋଧ କରି କ୍ଷୋଭପ୍ରକାଶ କରିବା ସହିତ କଳାବ୍ୟାଜ୍ ପରିଧାନ ଓ ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ଧାରଣାରେ ବସିଥିଲେ।

କୃଷିବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟରତ ବିଭିନ୍ନ ବୈଜ୍ଞାନିକ ଓ କର୍ମଚାରୀମାନେ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରିବା ସହିତ ବିଭିନ୍ନସ୍ତରରେ ନିଜର ସମସ୍ୟା ଉପସ୍ଥାପନ କରି ଆସୁଛନ୍ତି । ତଥାପି କୌଣସି ସୁଫଳ ମିଳୁ ନାହିଁ। ସାରା ଦେଶରେ ୭୩୧ କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟରତ ଥିବାବେଳେ ବିଭିନ୍ନ କୃଷି ବିଜ୍ଞାନକେନ୍ଦ୍ରରେ ବୃତିଗତ ଅସାମଞ୍ଜସ୍ୟ ରହିଛି। ଏପରିକି ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ରାଜ୍ୟ କୃଷିବିଶ୍ୱ ବିଦ୍ୟାଳୟ ଓ ବେସରକାରୀ ସଂସ୍ଥା ଅଧୀନରେ ଥିବା କୃଷି ବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ ମାନଙ୍କର ବୃତିରେ ଅସାମଞ୍ଜସ୍ୟ ରହ ଆସିଛି। ଆଇସିଆର ଅଧୀନରେ ସିଧାସଳଖ ନ ଥିବା କୃଷିବିଜ୍ଞାନ କେନ୍ଦ୍ରର କର୍ମଚାରୀମାନଙ୍କୁ ସେହି ସବୁ ସୁବିଧା, ଉଚ୍ଚ ବେତନ, ପଦୋନ୍ନତି ଓ ଏନପିଏସ୍ ଆଦି ଦିଆଯାଉ ନାହିଁ । ସର୍ବଭାରତୀୟ କେଭିକେ ଓ ଏଆଇସିଆରପି. ଫୋରମ ଦ୍ୱାରା ଦିଆଯାଇଥିବା ଆହ୍ୱାନରେ ଦେଶର ସମସ୍ତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର କେଭିକେ କର୍ମଚାରୀମାନେ ନିଜ ନିଜ ଅଫିସରେ ଆଇସିଏଆର କର୍ତ୍ତୃପକ୍ଷଙ୍କ ଭେଦଭାବ ନୀତି ବିରୋଧରେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିଛନ୍ତି।

ସମାନ କାମକୁ ସମାନ ଦରମା, ସମସ୍ତ କୃଷି ବିଜ୍ଞାନ କେନ୍ଦ୍ରରେ ସମାନ ବୃତିଗତ ନିୟମ ପ୍ରଚଳନ, ବୈଜ୍ଞାନିକ ମାନଙ୍କ ନିଯୁକ୍ତିରେ ଥିବା ବିବିଧତାର ସମାଧାନ, ଖାଲିଥିବା ବିଭିନ୍ନ ପଦବୀର ପୂରଣ ଆଦି ଦାବି ରହିଛି।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ସୁନ୍ଦରଗଡ଼,୭।୧୨(ସମିସ): ସୁନ୍ଦରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୦ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୋଚ୍ ମନୋନୀତ ପ୍ରସନ୍ନ କୁମାର ଠାକୁର ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପରିଚାଳନା ସମିତି ର ସମ୍ପାଦକ ଶ୍ରୀବତ୍ସ କୁମାର ଚୌଧୁରୀ ଓ କୋଷାଧ୍ୟକ୍ଷ ଚିନ୍ତାମଣି ଓରାମ ଯୋଗ ଦେଇଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ଖେଳ ପତାକା ଅବତରଣ କରି ଏବଂ ଜ୍ୟୋତି ଲିଭାଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଖେଳ ଆୟୋଜିତ ହୋଇଥିଲା।

# ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ

**ସୁନ୍ଦରଗଡ଼,୭।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ୧୦୦ ଦିନ ବ୍ୟାପୀ ସଘନ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ପୌରାଧ୍ୟକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଭକ୍ତ ମୋହନ ସ୍ୱାଇଁ , ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ପ୍ରଦୀପ କୁମାର ପ୍ରସାଦ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ସୁନ୍ଦରଗଡ଼ ଚିକିତ୍ସାଳୟ ଅଧୀକ୍ଷକ ଡ଼ା ପ୍ରକାଶ ଚନ୍ଦ୍ର ବଳ ଯୋଗ ଦେଇଥିଲେ। ଏହି ସଭାରେ ବକ୍ତାମାନେ ଭାରତକୁ ଟିବି ମୁକ୍ତ ଭାରତ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଏହି କାର୍ଯ୍ୟକ୍ରମରେ ୨୪ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଚାଲିବ। ଏଥିରେ ସୁନ୍ଦରଗଡ଼ ଜିଲ୍ଲାର ପାଖାପାଖି ଦୁଇ ଲକ୍ଷ ୮୦ ହଜାର ଚିହ୍ନଟ ଲୋକଙ୍କୁ ନାଟା ଏବଂ ଏକ୍ସରେ ପରୀକ୍ଷା ସମ୍ପୂର୍ଣ୍ଣ ମାଗଣାରେ ଉପଲବ୍ଧ କରାଯିବ। ସେହିପରି ୬୦ ବର୍ଷରୁ ଅଧିକ, ମଦ୍ୟପାନ, ଧୁମ୍ର ପାନ, ମଧୁମେହ ରୋଗୀ, କୁପୋଷଣ, ଏଚ୍‌ଆଇଭି ରୋଗୀ ଓ ପୁରାତନ ଯକ୍ଷ୍ମା ରୋଗୀ ଓ ସମ୍ପର୍କୀୟଙ୍କ କଫ ଓ ଛାତିର ପରୀକ୍ଷଣ କରାଯିବ ଏହା ସହିତ ବିଭିନ୍ନ ଗୋଷ୍ଠୀ କେନ୍ଦ୍ରରେ ଥିବା ମୋବାଇଲ ହେଲଥ ୟୁନିଟ ଏମ୍‌ଏଚ୍‌ଟି ଓ ଓ ଏମ୍‌ଏମ୍‌ଭିକୁ ନିକ୍ଷୟ ବାହନ ଭାବେ ବ୍ୟବାହାର କରି ଗ୍ରାମାଂଚଳରେ ଯକ୍ଷ୍ମା ରୋଗୀ ଚିହ୍ନଟ କରାଯିବ। ସଭାରେ ଟିବି ଚାମ୍ପିଅନମାନେ ଉପସ୍ଥିତ ରହି ନିଜନିଜ ଟିବିର କାହାଣୀ " ଶୁଣାଇ ଜଣସାଧାରଣଙ୍କୁ ସଚେତନ କରିଥିଲେ । ଏହାପରେ ନିକ୍ଷୟ ମିତ୍ର ଏନ୍‌ଏସପିସିଏଲ ରାଉରକେଲା, ଜେଏସ୍‌ଡବ୍ଲ୍ୟୁ କୁତ୍ରା, ଏନଟିପିସି ଦର୍ଲିପାଲି, ଓସିପିଏଲ ମନୋହରପୁରଙ୍କୁ ଜିଲ୍ଲା ଯକ୍ଷ୍ମା କେନ୍ଦ୍ର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଅବସରରେ ଆଇଇସି କର୍ଣ୍ଣର ଏବଂ ନିକ୍ଷୟ ବାହାନ ଉଦଘାଟିତ ହୋଇଥିଲା। ଅଜୟ ଜେନା ଓ କ୍ଷୀରୋଦ ସାହୁ ସଭାକୁ ପରିଚାଳନା କରିଥିବାବେଳେ ପରିଚାଳକ ଶଙ୍କର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

**● ମହାନଦୀରେ ନୂତନ ପକ୍ଷୀ ଠାବ**

# ପାଏଡ୍ ଆଭୋକେଟ୍ ଦେଖି ପକ୍ଷୀପ୍ରେମୀ ଖୁସ୍

**ସୋନପୁର, ୭।୧୨(ସମିସ):** ସୋନପୁରରେ ଶୀତ ଋତୁର ନିର୍ଦ୍ଦିଷ୍ଟ ସମୟ ଆସିଗଲେ ବିଦେଶାଗତ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଯାଏ। ସାତ ସମୁଦ୍ର ତେରନଈ ପାରି ହୋଇ ହଜାର ହଜାର କିଲୋମିଟର ଦୂରରୁ ଏହି ଅତିଥିମାନେ ଉଡ଼ିଆସି କିଛି ମାସ ପାଇଁ ମହାନଦୀକୁ ନିଜର କରି ନିଅନ୍ତି। ପରେ ନିଜର ଶାବକଙ୍କୁ ଉଡ଼ିବା ଶିଖାଇ ପୂର୍ବ ସ୍ଥାନକୁ ଫେରିଯାଆନ୍ତି। ଏବେ ସୋନପୁର ମହାନଦୀରେ ପକ୍ଷୀଙ୍କ କଳରବ ଶୁଭିବା ଆରମ୍ଭ ହୋଇଛି। ମହାନଦୀର ନୀଳ ଜଳରାଶିରେ ଶନିବାର ପକ୍ଷୀପ୍ରେମୀ ଜ୍ୟୋତିରାଦିତ୍ୟ ପିନାକି ପଣ୍ଡା ଏବଂ ସିଦ୍ଧାର୍ଥ ସୀବ ପାଣିଗ୍ରାହୀ ପାଏଡ୍ ଆଭୋକେଟ ପକ୍ଷୀ ଠାବ



କରିଛନ୍ତି। ତେବେ ସୋନପୁରରେ ପ୍ରଥମ ଥର ପାଇଁ ଏହି ପକ୍ଷୀ ରେକର୍ଡ କରାଯାଇଛି। ଏହି ପକ୍ଷୀ ଦେଶର ଅଳ୍ପ କିଛି ସ୍ଥାନକୁ ଆସନ୍ତି। ଚିଲିକାକୁ ଏହି ପକ୍ଷୀ ଆସୁଥିଲେ ମଧ୍ୟ ବହୁ ଦୂର ଯାତ୍ରା କଲେ ଦେଖିବାକୁ ମିଳନ୍ତି। ପାଏଡ୍ ଆଭୋକେଟ ପକ୍ଷୀ ମୁଖ୍ୟତଃ ଦକ୍ଷିଣ ସ୍ପେନ ଏବଂ ଦକ୍ଷିଣ ଇଂଲଣ୍ଡରେ ଦେଖାଯାଆନ୍ତି। ମହାନଦୀର ନୀଳ ଜଳରାଶିରେ କଳାଧଳା ରଙ୍ଗର ପାଏଡ୍ ଆଭୋକେଟଙ୍କ ବିଚରଣ ଖୁବ୍ ଆକର୍ଷଣୀୟ ବୋଲି ସେମାନେ କହିଛନ୍ତି। ନଦୀରେ ଏହି ପକ୍ଷୀ ମାଛ ମାରିବାର କୌଶଳ ଖୁବ୍ ନିଆରା ବୋଲି ସେ କହିଛନ୍ତି।

**● ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକ ମୃତ୍ୟୁ ଘଟଣା**

# ୧୮ ଘଣ୍ଟା ପରେ ଉଠିଲା ଶବ

**ଭବାନୀପାଟଣା, ୭ ।୧୨(ସମିସ):** ଜୟପାଟଣା ଓ କୋକସରା ବ୍ଲକ ସୀମାନ୍ତ କୁଣ୍ଡିଗୁଡା ଗାଁର ଏକ କ୍ଷେତରେ ଧାନ କାଟିବା ସମୟରେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପରମାନନ୍ଦ ରାଉତ (୨୦) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ପରିବାରବର୍ଗ କ୍ଷତିପୂରଣ ଦାବି କରିଥିଲେ। ୧୮ ଘଣ୍ଟା ପରେ ଘଟଣା ସ୍ଥଳରେ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ସହ ଜୟପାଟଣା ବିଡିଓ ଧର୍ମରାଜ ମାଝୀ, ବ୍ଲକ ଅଧ୍ୟକ୍ଷ ଥବୀର ବାଗ ପହଞ୍ଚି ବୁଝାସୁଝା କରି ସହାୟତା ପ୍ରଦାନ କରିଥିଲେ। ବିଦ୍ୟୁତ୍ ବିଭାଗ ପକ୍ଷରୁ ୩୦ ହଜାର, ରେଡକ୍ରସ ପାଣ୍ଠିରୁ ୩୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଦିଆଯାଇଥିଲା। ଏହାପରେ ଶବ ଉଠିଥିଲା। ସୂଚନାଯୋଗ୍ୟ, ୨ ବର୍ଷ ତଳେ ତାଙ୍କ ବାପାଙ୍କ ମୃତ୍ୟୁ ଘଟିଛି। ମା କୁଷମା ଓ ଭଉଣୀ କ୍ଷୀର (୧୫)ଙ୍କୁ ପରମାନନ୍ଦ ପ୍ରତିପୋଷଣ କରିଆସୁଥିଲେ। ରୋଜଗାରିଆ ପୁଅର ମୃତ୍ୟୁ ପରେ ମା, ଝିଅ ବେସାହାରା ହୋଇଯାଇଛନ୍ତି।

# ଲୁଟେରାକୁ ଛେଚିଲେ ଲୋକେ

**ସୁନ୍ଦରଗଡ଼,୭ ।୧୨(ସମିସ):** ସୁନ୍ଦରଗଡ଼ ଟାଉନ ଥାନା ଅଧୀନ ଅନ୍ନପୂର୍ଣ୍ଣା ହୋଟେଲ ପ୍ରାଙ୍ଗଣରେ ଏକ ଲୁଟେରାକୁ ଧରି ନିର୍ଦ୍ଦୁମ ଛେଚିଛନ୍ତି ଲୋକେ। ପୁଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଲୁଟେରା ଜଣକ ଭୋପାଳର ଅବାସ ଅଲ୍ଲୀ (୪୦) ବୋଲି ଜଣାପଡ଼ିଛି।

# ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ ପାଇଁ ଲକ୍ଷ୍ମୀ ବସ୍ ବନ୍ଦ

**ଯାତ୍ରୀ ହନ୍ତସନ୍ତ**

**ସୁନ୍ଦରଗଡ଼,୭ ।୧୨(ସମିସ):** ବରଗଡ଼ ଜିଲ୍ଲାର ସୋହେଲା ବ୍ଲକ୍ ଅଧୀନ ଇଚ୍ଛାପାଲିରେ ରବିବାର ମୁଖ୍ୟମନ୍ତ୍ରୀଙ୍କ ଏକ କାର୍ଯ୍ୟକ୍ରମ ରହିଛି। ଏହି ସଭାସ୍ଥଳକୁ ଲୋକଙ୍କୁ ନେବାପାଇଁ ସୁନ୍ଦରଗଡ଼ ଜିଲ୍ଲାର ଲକ୍ଷ୍ମୀ ବସ୍ ସେବା ୨ ଦିନ ପାଇଁ ବାତିଲ କରି ଦିଆଯାଇଛି। ଏଥିସହ ଜିଲ୍ଲାର ୫୨ଟି ଘରୋଇ ବସ୍‌ର ରୁଟ୍ ମଧ୍ୟ ବାତିଲ କରା ଯାଇଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ରୁଟ୍‌ରେ ୫୫ଟି ଲକ୍ଷ୍ମୀ ବସ୍ ଚଳାଚଳ କରୁଛି। ସୁଲଭ ଭଡ଼ାରେ ଯାତ୍ରୀ ପରିବହନ ଯୋଗୁଁ ଏହି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଅଧିକାଂଶ ଲୋକେ ଏହି ବସ୍ ଉପରେ ନିର୍ଭର କରି ଆସୁଛନ୍ତି। ଜିଲ୍ଲାର ସମସ୍ତ ରୁଟ୍‌ରେ ଯାତ୍ରୀମାନେ ଶନିବାର ବସ୍ ଅପେକ୍ଷାରେ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ ୨ ଦିନ ବସ୍‌ସେବା ବାତିଲ କରା ଯାଇଥିବା ଜଣାପଡ଼ିବାପରେ ସେମାନେ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତକରି ଘରକୁ ଫେରିଛନ୍ତି।

# ୨୭ତମ କୁରାଳ ମହୋତ୍ସବ ପାଳିତ



**ସୁନ୍ଦରଗଡ଼,୭।୧୨(ସମିସ)** ଅଉଁଳାବାହାଲ ଗ୍ରାମଠାରେ କୁରାଳ ସମାଜର କୁରାଳ ପୂଜା ମହୋତ୍ସବ ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରମୋଦ ରଣା ଏବଂ ତାଙ୍କର ସହ ଧର୍ମିଣୀ ଯଜମାନ କାର୍ଯ୍ୟ ତୁଲାଇଥିଲେ। କୁରାଳ ସମାଜର ଉପେନ୍ଦ୍ର ରଣା, ଭକ୍ତରାମ ରଣା, ସଚ୍ଚିଦାନନ୍ଦ ରଣା, ହିମାଂଶୁ ରଣା, କତାଲୁ ରଣା, ତରୁଣ ରଣା, ତୁଳେଶ୍ୱର ରଣା, ଗୋକୁଳା ରଣା, ତୁଳା ରଣା, ନିଳାଦ୍ରି ରଣା, ଦୂର୍ଗା ରଣା, ଚୂଳ ଶଙ୍କର ଦାନୀ, ଭୋଳାନାଥ ରଣା, ପୁଳିନ ବେହେରା ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାୟିକା ଦମୟନ୍ତୀ ମହାପାତ୍ର ଓ ସାଥୀ ପାଲା ପରିବେଷଣ କରିଥିଲେ।

**ରାଉରକେଲା:** ହନିବାଟିକା ପରିସରରେ ଥିବା କୁରାଳ ସମାଜର ଶ୍ରୀଶ୍ରୀ ନାରାୟଣ ରୁଦ୍ରପାଳ ଓ ମାତା ରତ୍ନେଶ୍ୱରୀଙ୍କ ମନ୍ଦିରରେ ୨୭ତମ କୁରାଳ ପଞ୍ଚମୀ ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଛି। ସଭାନେତ୍ରୀ ନମିତା ବେହେରାଙ୍କ ତତ୍ତ୍ୱାବଧାନରେ ଉତ୍ସବରେ ବେଦବ୍ୟାସରୁ କଳସ ଯାତ୍ରା ଆରମ୍ଭ ହୋଇ ହନୁମାନ ବାଟିକା ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବା ପରେ ରୀତିନୀତିରେ କୁଳଦେବତାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ଉଦୟ ପାଣ୍ଡେ ପୌରହିତ୍ୟ କରିଥିବା ବେଳେ ହୋମଯଜ୍ଞରେ ବସନ୍ତ କୁମାର ବେହେରା ଓ ଜାନକୀ ବେହେରା ସଂକଳ୍ପ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

କାର୍ଯ୍ୟକ୍ରମ ପରିଚାଳନାରେ ଚକ୍ରଧର ମୁଦୁଲି, ବିଭୁତି ପରିଡ଼ା, ସିଦ୍ଧେଶ୍ୱର ରଣା, ସନାତନ ବେହେରା, ରାଜେଶ ବେହେରା ଓ ଅନ୍ୟ ସଦସ୍ୟଙ୍କ ସମେତ କୁରାଳ ସମାଜର ଶତାଧିକ ଭକ୍ତ ଯୋଗଦେଇଥିଲେ।

# ଲୌହଖଣି ଅଞ୍ଚଳରେ ଭ୍ରାମ୍ୟମାଣ ଚିକିତ୍ସା ଶୁଭାରମ୍ଭ

ରାଉରକେଲା,୭।୧୨(ସମିସ)



ସେଲ୍ ରାଉରକେଲା ଇସ୍ପାତ କାରଖାନା ବୋଲାଣୀ ଲୌହ ଖଣିର ସିଏସ୍‌ଆର ପଦକ୍ଷେପର ସ୍ୱରୂପ କେଉଁଝର ଜିଲ୍ଲାର ବୋଲାଣି ଏବଂ ଏହାର ଆଖପାଖରେ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସ୍ୱାସ୍ଥ୍ୟସେବା ସୁବିଧାରେ ଉନ୍ନତି ଲକ୍ଷ୍ୟରେ ଏକ ନିଃଶୁଳ୍କ ଭ୍ରାମ୍ୟମାଣ ଚିକିତ୍ସା ସେବା ଅଭିଯାନକୁ ଶୁଭାରମ୍ଭ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଆର୍‌ଏସ୍‌ପିର ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବରସୁଆଁ ଆଇରନ ମାଇନ୍ସର ସିଜିଏମ ଜୟଦେବ ଚଟୋପାଧ୍ୟାୟ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଡାକ୍ତର ଆରଆର ମହାନ୍ତି, ବିଓଏମର ଜିଏମ୍ ବିଜୟ କେତନ ଘୋଷ, ଏଚ୍‌ଆର ବିଭାଗର ଜିଏମ୍ ସୋମଜିତ ବଡ଼ପଣ୍ଡା, ବୋଲାଣୀ ହସ୍ପିଟାଲର ଇନଚାର୍ଜ ଡ. ଟି ସୋରେନ୍, ବିଓଏମରଜି ଏମ୍ ଉମେଶ କୁମାର ଭାସ୍କର, ଏଜିଏମ୍ ସଞ୍ଜିବ କୁମାର, ଡାକ୍ତର ସୁନୀଲ କୁମାର, ଡାକ୍ତର ମଧୁସ୍ମିତା ଏବଂ ଡାକ୍ତର ମାୟା ମାଝୀଙ୍କ ସମେତ ବୋଲାଣୀ ହସ୍ପିଟାଲର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଆରଏସପି ଓ ପିରାମଲ ସ୍ୱାସ୍ଥ୍ୟ ପରିଚାଳନା ଏବଂ ଅନୁସନ୍ଧାନ ପ୍ରତିଷ୍ଠାନ (ପିଏମଏସଆରଆଇ) ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତିନାମା ଅନୁଯାୟୀ ମୋବାଇଲ ମେଡିକାଲ ଭ୍ୟାନକୁ ସେବାରେ ନିୟୋଜିତ କରାଯାଇଥିଲା। ଏହି ଚୁକ୍ତିନାମା ଅନୁଯାୟୀ ମାଗଣାରେ ଗ୍ରାମବାସୀଙ୍କ ଦ୍ୱାରରେ ପ୍ରତିଷେଧକ, ଆରୋଗ୍ୟକାରୀ ଏବଂ ରେଫେରାଲ ଚିକିତ୍ସା ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟରେ ପିଏମ୍‌ଏସ୍‌ଆର୍‌ଆଇର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ "ଗ୍ରାମୀଣ ସ୍ୱାସ୍ଥ୍ୟ ସଞ୍ଜିବନୀ'ର ଶୁଭାରମ୍ଭ କରାଯାଇଛି। ବାର୍ଷିକ ୫୪.୪୦ ଲକ୍ଷ ଟଙ୍କା ମୂଲ୍ୟର ଏହି ଚୁକ୍ତିନାମା ତିନିବର୍ଷ ଅବଧି ପାଇଁ କାର୍ଯ୍ୟକାରୀ ରହିବ। ଏହି ସମୟ ମଧ୍ୟରେ ବୋଲାଣି ପଞ୍ଚାୟତର ସାତୋଟି ଗ୍ରାମ ଏବଂ ପାଲାଗୋଡା ପଞ୍ଚାୟତର ୧୧ଟି ଗ୍ରାମରେ ମାସିକ ସ୍ୱାସ୍ଥ୍ୟଶିବିର ଆୟୋଜନ କରାଯିବ, ଯେଉଁଠାରେ ରୋଗୀମାନଙ୍କୁ ପରୀକ୍ଷା କରାଯିବ ଏବଂ ଔଷଧ ମାଗଣାରେ ବିତରଣ କରାଯିବ।

**ସଙ୍ଗମର ଏକାଦଶ ରାଜ୍ୟସ୍ତରୀୟ ଶିଶୁ ନାଟକ, ନୃତ୍ୟ ମହୋତ୍ସବ**

# ମନ ଛୁଇଁଲା କୁନି କଳାକାରଙ୍କ ଜୀବନ୍ତ ଅଭିନୟ

**ଭବାନୀପାଟଣା, ୭ ।୧୨ (ସମିସ):** ସ୍ଥାନୀୟ ଟାଉନ ହଲ୍‌ରେ ସଙ୍ଗମ ଅନୁଷ୍ଠାନ ତରଫରୁ ଏକାଦଶ ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ସନ୍ଧ୍ୟାରେ ଭବାନୀପାଟଣା ପୌର ଅଧ୍ୟକ୍ଷ ବିଷ୍ଣୁ ପ୍ରଧାନ ଓ ଶିଳ୍ପୀ ପ୍ରଭାସ ଚନ୍ଦ୍ର ମିଶ୍ର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ନାଟକରେ କୁନିପିଲାଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କ ମନ ଛୁଇଁଛି। ପ୍ରୀତିମୟୀ ବେହେରାଙ୍କ ରଚନା ଓ ମିନତିଲତା ସାହୁଙ୍କ ନିର୍ଦ୍ଦେଶନାରେ 'ପ୍ରୌଢ ଶିକ୍ଷା'ରେ ଭଙ୍ଗାବାରୀ ୟୁପି ସ୍କୁଲର ଶିଶୁମାନେ ଅଭିନୟ କରିଥିଲେ। ସେହିଭଳି ରୋବଟ ଏନହଂସ ଡିଫେନ୍ସକୁ ନେଇ ଭବାନୀପାଟଣା ଓଡ଼ିଶା ଆଦର୍ଶ ସ୍କୁଲର ଛାତ୍ରଛାତ୍ରୀ ନାଟକ ପରିବେଷଣ କରିଥିଲେ। ଏହାକୁ ନାଟ୍ୟକାର ଋତୁରାଜ ପାଢ଼ୀ ନିର୍ଦ୍ଦେଶନା ଦେଇଥିଲେ। ଅରୁଣ ପାଣିଗ୍ରାହୀଙ୍କ ରଚନା ଓ ନିର୍ଦ୍ଦେଶନାରେ ବୃନ୍ଦାବନ ସ୍ମାର୍ଟ ସ୍କୁଲଦ୍ୱାରା ନାଟକ ଶବରିକି କଥା ମଞ୍ଚସ୍ଥ ହୋଇଥିଲା। ସେହିପରି ଜିତୁ ସାହୁଙ୍କ ରଚନା ଓ ନିର୍ଦ୍ଦେଶନାର ଅଟାଙ୍ଗଗୁଡା ଉଚ୍ଚ ବିଦ୍ୟାଳୟ ଏବଂ ଉମା ଶଙ୍କରୀ ପାଲଙ୍କ ରଚିତ ଓ ନିର୍ଦ୍ଦେଶିତ ସପନକୁ ପ୍ରଗତି କନସେପ୍ଟ ସ୍କୁଲର ଛାତ୍ରଛାତ୍ରୀ ପରିବେଷଣ କରିଥିଲେ। ତୃତୀୟ ସନ୍ଧ୍ୟାକୁ ସମବାୟ ବ୍ୟାଙ୍କ ଜିଲ୍ଲା ସଭାପତି ଗିରିଶ ଚନ୍ଦ୍ର ବେହେରା, ନାଟ୍ୟକାର ଡ. ଉମେଶ ଚନ୍ଦ୍ର ଶତପଥୀ ଓ ବରିଷ୍ଠ କଳାକାର ଶାନ୍ତନୁ ମୁଣ୍ଡ ଉଦ୍‌ଘାଟନ କରିଥିଲେ। ଗିରିଶ ଚନ୍ଦ୍ରଙ୍କ ରଚନା ଓ ନିର୍ଦ୍ଦେଶନାରେ ଲଛିପୁର ସାଂସ୍କୃତିକ ଅନୁଷ୍ଠାନର କଳାକାର ନାଟକ 'ଭ୍ରଷ୍ଟାଚାର'ରେ ଅଭିନୟକରିଥିଲେ। ଶେଷରେ ନାଟ୍ୟକାର ସୁମତି ମୁଣ୍ଡଙ୍କ ରଚନା ଓ ଗୋଦାବରୀଶ ମିଶ୍ରଙ୍କ ନିର୍ଦ୍ଦେଶନାରେ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ନାଟକ 'ପରୀକ୍ଷା'ରେ ପରିବେଷଣ କରିଥିଲେ। ରାଧେଶ୍ୟାମ ଦାଶ, ଚକ୍ରଧର ମହାରଣା ସହାୟତା କରିଥିଲେ। ଶୁଭ୍ରାଂଶୁ ଶେଖର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



